ମାସିକ ଇ-ପତ୍ରିକା

# ଆମ କବିତା

ଦ୍ୱିତୀୟ ବର୍ଷ । ପ୍ରଥମ ସଂଖ୍ୟା । ଜାନୁୟାରୀ ୨୦୨୩

# ଆମ କବିତା

## ମାର୍ଗଦର୍ଶକ

**ଡ. ପ୍ରମୋଦ ଚନ୍ଦ୍ର ଦାଶ**

## ସମ୍ପାଦକ

**ନିଶିକାନ୍ତ କହଲସିଂହ**

### ଉପଦେଷ୍ଟା ମଣ୍ଡଳୀ

ସମରଜିତ ପଟ୍ଟନାୟକ
ବାବାଜୀ ଜେନା
ବିଭୁପ୍ରସାଦ ହରିଚନ୍ଦନ
ଡ. ରଶ୍ମୀରଞ୍ଜନ ନାଥ

### ସହଯୋଗୀ ସମ୍ପାଦକ ମଣ୍ଡଳୀ

ତ୍ରିଲୋଚନ ଦାସ
ରଶ୍ମିତା ନାୟକ
ବାସନ୍ତୀ ଦେଈ

### ପ୍ରଚ୍ଛଦ ଓ ଅଙ୍ଗସଜ୍ଜା

ରାଜୀବ ରଥ
ପ୍ରୀତମ ବଳିୟାରସିଂହ


ଆମରି ସତ୍ୟ
ଏମ-୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ କଲୋନୀ, ପୋଷ୍ଟ : ପି ଏନ କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡିଶା
ଯୋଗାଯୋଗ : ୯୪୩୭୨୮୧୬୫୫, **email : amarisatya@gmail.com**

ଆମ କବିତା

ଜାନୁୟାରୀ
୨୦୨୩

# ସମ୍ପାଦକୀୟ



ନୂଆବର୍ଷ.......ପବିତ୍ର......
ହେଲେ, ଆମେ ସବୁ ବିଚିତ୍ର......
ସବୁଠି ମଦ, ମାଂସର ଆସର
ଚଳଚଞ୍ଚଳ ହୋଟେଲ୍........
ବାର୍....ପିକନିକ୍ ସ୍ପଟ୍.........,
ଗହଗହ କମ୍ପମାନ ସହରଠୁ ଗାଁ
ମେଲୋଡି..... ଡ୍ରାମା.......
ମଧ୍ୟରାତ୍ର କବିତା ଆସର......
ଆହୁରି କେତେ କ'ଣ.....।

ଏପଟେ ବିଶ୍ୱକପ୍ ହକି
ଓଡିଶା ମାଟିରେ........
ଗର୍ବର କଥା .........ହେଲେ......
ଏମିତି ଲାଗେନି କି -
ବହୁ ଆଡମ୍ବର ଲଘୁକ୍ରିୟା......
ରାସ୍ତାଘାଟ, କାନ୍ଥବାଡ଼ ରଙ୍ଗୀନ୍
ଷ୍ଟାଡିୟମ୍ ନୂଆ......ରଙ୍ଗୀନ୍.......
କଲେଜ ପିଲାଙ୍କ ପ୍ରଚାର....
ଉଦଘାଟନ ତ ଅପୂର୍ବ......
ସାରା ରାଜ୍ୟର ସ୍କୁଲ୍ ଛୁଟି.......
ନାଚ .....ଗୀତ......ପ୍ରବଳ
ସେଲିବ୍ରେଟି ମାନଙ୍କର ପ୍ରବଳ ଭିଡ଼
ଟିକେଟ ବି ମାଗଣା......
ହେଲ.........ଲୋକଙ୍କ ଭିଡ ନାହିଁ.....
ସିଟ୍ ଅଧାକୁ ଅଧା ତ ଖାଲି.......।

ସେପଟେ............
ରାଜନୀତିର ବିଚିତ୍ର ବର୍ଣ୍ଣାଳୀ
ଶବ ଶୋଭାଯାତ୍ରାରେ .......
ଭାରତ ଯୋଡ଼ ଯାତ୍ରାରେ......
ପୁଣି....ଡାକୋଟାର ଦୀର୍ଘ ଯାତ୍ରାରେ.....
କେଉଁଠି ନାରଙ୍ଗୀ......
କେଉଁଠି ତ୍ରିରଙ୍ଗୀ.......
କେଉଁଠି ସବୁଜ ରଙ୍ଗର ପତୁଆର.......
ସବୁଠି......ସବୁଠି.........
ରାଜନୀତି......ଆଉ ରାଜନୀତି........
ତଥାପି.... ନୂଆବର୍ଷରେ......
ନୂଆ କିଛି ଆଶାକରିବା........
ନିଶ୍ଚୟ ଆଶାଅରିବା........
କରିବା ଉଚିତ୍ ମଧ୍ୟ..........।

ଆମ କବିତା




| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୧. | ନୂଆ ବର୍ଷ - ତେଇଶି | ରମେଶ ମଙ୍ଗରାଜ | ୬ |
| ୨ . | ପ୍ରେମର ପରିଭାଷା | ରଞ୍ଜିତା ମିଶ୍ର | ୭ |
| ୩ଂ | ଇନ୍ଦ୍ରଧନୁ | ଲକ୍ଷ୍ମୀପ୍ରିୟା ମହାରଣା | ୮ |
| ୪. | ଆଉ ଲେଖିବିନି ଜମା | ନିରଞ୍ଜନ ସାହୁ | ୯ |
| ୫ | ସମ୍ପର୍କ, ଏମିତି ସୂତାଟିଏ | ରମେଶ ଚନ୍ଦ୍ର ମିଶ୍ର | ୯ |
| ୬ଂ | ଦୁଇଟି କବିତା | ତପନ ଦୀକ୍ଷିତ | ୧୦ |
| ୭ | ନିଧନ ସଙ୍ଗୀତ | ହାସ୍ୟମୟୀ ରାଜ୍ | ୧୧ |
| ୮. | ଅଭୁଲା ସ୍ମୃତି | ଦିବାକର ନାୟକ | ୧୨ |
| ୯. | ଶୀତ ଗୀତ | ଆରାଧନା ଦାଶ | ୧୩ |
| ୧୦ | କିଏ ଗଢେ ଇମାରତ | ବିଭୁପ୍ରସାଦ ମହାପାତ୍ର | ୧୪ |
| ୧୧ | ଅବ୍ୟକ୍ତ ଅଭିମାନ | ଜୟନ୍ତୀ ସ୍ୱାଇଁ | ୧୫ |
| ୧୨. | ତୁମକୁ ମୁଁ ପାଏ ଭଲ | ନିରୁପମା ପାଣି | ୧୬ |
| ୧୩. | ଲାବଣ୍ୟବତୀ | ବେଣୁଧର ସୂତାର | ୧୭ |
| ୧୪. | ଫେରି ଆସନ୍ତାକି ମୋ' ପିଲାଦିନ | ପ୍ରସନ୍ନ ମଣ୍ଡଳ | ୧୮ |
| ୧୫. | ଚୋରା ବାଲି (ଗୀତି କବିତା) | ରତ୍ନପ୍ରଭା ବାଇ | ୧୯ |
| ୧୬. | ବିଦାୟ ବେଳାର ବାସ୍ନା | ପୂର୍ଣ୍ଣ ଦାସ | ୨୦ |
| ୧୭. | ସୁରା ପିଆଲାରେ... | ତାରାପ୍ରସାଦ ଜେନା | ୨୦ |
| ୧୮. | ହସି ଉଠିବ ଏ ଧରା.... | ସୁକାନ୍ତି ମିଶ୍ର | ୨୧ |
| ୧୯. | ହୃଦୟ | ପ୍ରଜ୍ଞା ମହାନ୍ତି | ୨୨ |
| ୨୦ | ପ୍ରେମ ଉଜାଗର | ଆଶୁତୋଷ ମେହେର | ୨୨ |
| ୨୧. | ମାୟା | ଡ. ସୁଚିତ୍ରା ରଥ | ୨୩ |
| ୨୨ଂ | ପଚାରନି, ତା'କୁ | ସୁମିତା ବେହେରା ବାପି | ୨୪ |
| ୨୩ଂ | ଶୀତ | ଗାୟତ୍ରୀ ବେହୁରା | ୨୫ |
| ୨୪. | ସମୟ ସାଥେ | ପ୍ରଜ୍ଞାସୁ ମହାନ୍ତି | ୨୬ |
| ୨୫ଂ | ଅଦିନିଆ ବର୍ଷା | ଡ଼ ମାଙ୍ଗଳିକା ମହାପାତ୍ର | ୨୬ |
| ୨୬. | ମୁଁ ସବୁ ଦେଖିଛି | ସୌମେନ୍ଦ୍ର କୁମାର ଦାସ | ୨୭ |
| ୨୭. | ଉଚ୍ଚ ନୀଚ | ରାଜେଶ କୁମାର ମୁଣ୍ଡ | ୨୮ |

| କ୍ର.ସଂ. | କବିତା | କବି/କବୟିତ୍ରୀ | ପୃଷ୍ଠା |
|---|---|---|---|
| ୨୮. | ଅନ୍ତଃସ୍ୱର ରେବତୀର | ସୁପ୍ତି କର | ୨୯ |
| ୨୯. | ଛାତି | ସୁମିତା ବେହେରା | ୩୦ |
| ୩୦. | ଆଜିକା ଶୀତ | ଭ୍ରମର ନାଥ ପାତ୍ର | ୩୧ |
| ୩୧. | କିମ୍ପାଇଁ ଏ ଦୁର୍ଦ୍ଦଶା ମୋହର ? | ଅମ୍ବୁଜା ମହାନ୍ତି | ୩୨ |
| ୩୨. | ସ୍ୱପ୍ନ ଭଙ୍ଗ | ଡ. ଆରତି ପଟ୍ଟଯୋଷି | ୩୩ |
| ୩୩. | ଲାଜ | ଶୈଳେନ୍ଦ୍ର ନାରାୟଣ ବେହେରା | ୩୩ |
| ୩୪. | ଲିଭୁନଥିବା ଦାଗ | ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ | ୩୪ |
| ୩୫. | ଅନୁଭବେ, ତୁମେ | ରାଜଗୁରୁ ସିଅ | ୩୫ |
| ୩୬. | କବର | ଦୀପକ ରଞ୍ଜନ ଗ୍ରହାଚାର୍ଯ୍ୟ | ୩୬ |
| ୩୭. | ମଣିମା ସାଆନ୍ତ, ମାନନୀୟେଷୁ | ଜିତେନ୍ଦ୍ର ଜଗଦେବ | ୩୭ |
| ୩୮. | ନୂଆ ସକାଳ | ଯମେଶ୍ୱର କହଲସିଂହ | ୩୮ |
| ୩୯. | ଗୀତି କବିତା | ବାସନ୍ତୀ ଦାସ | ୩୮ |
| ୪୦. | ଶିମିଳିପାଳ | ମନୋଜ କୁମାର ବେହେରା | ୩୯ |
| ୪୧. | ତୁ' ମନେ ପଡୁଚୁ | ବିପ୍ଳବ | ୩୯ |
| ୪୨. | ପୁରୁଣା ଥିଲାକି ନୂଆ ବରଷ | ଡ. ଚପଳା ପଣ୍ଡା | ୪୦ |
| ୪୩. | ଆମେ ସବୁ କଳିକା | ବ୍ରଜେଶ୍ୱରୀ ସିଂହ | ୪୧ |
| ୪୪. | କବିତା ଗୋ-୩ | ତ୍ରିଲୋଚନ ଦାସ | ୪୧ |
| ୪୫. | ପାଇକ ବିଦ୍ରୋହ | କାହ୍ନୁ ଚରଣ ମିଶ୍ର | ୪୨ |
| ୪୬. | ଐଶ୍ୱର୍ଯ୍ୟ ଆକାଶର | ଆରତୀ ମଞ୍ଜରୀ ଦାଶ | ୪୩ |
| ୪୭. | ସମୟ ସ୍ରୋତରେ | ସ୍ୱପ୍ନାରାଣୀ ପାଣିଗ୍ରାହୀ | ୪୪ |
| ୪୮. | ଗଡିଯା'ନ୍ତି ଥରେ | ବସନ୍ତ କୁମାର ସାହୁ | ୪୫ |
| ୪୯. | ଦୁଃଖର ପାଞ୍ଚଟି ସ୍କେଚ୍ | ନିଶିକାନ୍ତ କହଲସିଂହ | ୪୬ |
| ୫୦. | ସ୍ୱାଗତ ୨୦୨୩ | ଡ. ସୌମ୍ୟେନ୍ଦ୍ର ମିଶ୍ର | ୪୭ |
| ୫୧. | ବିଧିର ବିଧାନ | ସାରଙ୍ଗଧର ଷଡ଼ଙ୍ଗୀ | ୪୮ |

# ନୂଆ ବର୍ଷ - ତେଇଶି



**ରମେଶ ମଙ୍ଗରାଜ**

ବାଇଶି ଯାଇଛି ତେଇଶି ଆସିଛି
କାନ୍ଥେ ଝୁଲେ କ୍ୟାଲେଣ୍ଡର
ନୂଆ ବରଷର ନୂଆ ଚିନ୍ତା ନେଇ
ପୂରିଛି ଆଶା ଭଣ୍ଡାର ।୧।

ଯିବା ଆସିବା ତ' ନିୟତିର ଖେଳ
ଏମିତିକା ଚାଲିଥାଏ
କିଏ ବା' ତାହାର ହିସାବ ରଖିଛି
କେତେ ସୁଖ ଦୁଃଖ ଦିଏ।୨।

ତଥାପି କାହିଁକି ନୂଆ ବରଷରେ
ଭରସା ତ' ଯାଏ ବଢ଼ି
ଗୋପନ ମନରେ କିଛି ସ୍ୱପ୍ନ ନେଇ
ଫୁଟିଯାଏ ଫୁଲ କଢ଼ି।୩।

ଏଇତ ଏସନ ପାଦ ଥାପିଅଛି
ତେଇଶିଟା ହସିହସି
ବିଷାଦ ମନରେ ବାଇଶି ଫେରିଛି
ଲୁହକୁ କାନିରେ ପୋଛି। ୪।

ହେ' ତେଇଶି ତମେ ପ୍ରତିଟି ଅନ୍ତରେ
ଆନନ୍ଦ ବରଷି ଦିଅ
ସୁଖ-ଶାନ୍ତି ସ୍ନେହ ମମତା ପରଶି
କୋଳରେ କୋଳେଇ ନିଅ।୫।

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା

# ପ୍ରେମର ପରିଭାଷା



**ରଞ୍ଜିତା ମିଶ୍ର**

ପ୍ରେମ
ବିଦଗ୍ଧ ପ୍ରାଣରେ ଲେପ
ସୁଗନ୍ଧିତ
ଶୀତଳ ଚନ୍ଦନ ।
ପ୍ରେମ
ଅବ୍ୟକ୍ତ ଉତ୍ତାପଦାୟୀ
ଦୃଶ୍ୟହୀନ
ମଧୁର ଦହନ ।୧

ପ୍ରେମ
ବିରହୀର ବ୍ୟଥାତୁର
ହୃଦୟର
ତୀବ୍ର ଭୂକମ୍ପନ ।
ପ୍ରେମ
ମଳୟର ଭୁରୁଭୁରୁ
ସୁବାସିତ
ଧୀର ସମୀରଣ ।୨

ପ୍ରେମ
ପାହାଡ଼ିଆ ଝରଣାର
ଅବିରାମ
କୁଳୁକୁଳୁ ତାନ ।
ପ୍ରେମ
ନୀଡବାହୁଡା ପକ୍ଷୀର
ଅବୋଧ
(ଅଥଚ) ସୁମଧୁର ଗାନ ।୩

ପ୍ରେମ
ଜୋଛନା ପଖଳା ରାତି
ପୂର୍ଣ୍ଣମୀର
ତୋଫାତୋଫା ଜହ୍ନ ।
ପ୍ରେମ
ସୁକୁମାରୀ କୁଆଁରୀର
ସ୍ୱପ୍ନଭରା
ଅଝଟିଆ ମନ ।୪

ପ୍ରେମ
ହୃଦୟର ବେଦୀତଳ
ତ୍ୟାଗପୁତ
ଭାବ, ସମର୍ପଣ ।
ପ୍ରେମ
ବୈବାହିକ ମଣ୍ଡପରେ
ସମ୍ପର୍କର
ପବିତ୍ର ବନ୍ଧନ ।୫

ପ୍ରେମ
ପ୍ରତିଶ୍ରୁତି-ପ୍ରତିବଦ୍ଧତାର
ଇତିବୃତ୍ତ,
ଜୀବନର ସ୍ତୋତ୍ର ।
ପ୍ରେମ
କର୍ମମୟ ଯଜ୍ଞଶାଳା
ଆତ୍ମସିଦ୍ଧ
ତ୍ୟାଗପୁତ ମନ୍ତ୍ର ।୬

**ବଇଣ୍ଡା, ଅନୁଗୁଳ**

# ଇନ୍ଦ୍ରଧନୁ

**ଲକ୍ଷ୍ମୀପ୍ରିୟା ମହାରଣା**

ଜୀବନ ଆକାଶେ ଇନ୍ଦ୍ରଧନୁ ତୁମେ
ନିଆରା ସ୍ମୃତିର ଫର୍ଦ୍ଦ
ଅନ୍ଧକାରର ମୋ' ନିର୍ଘାତ ତୃଷ୍ଣାର
ଅନେକ ରାତ୍ରିର ସ୍ୱପ୍ନ

କେବେ କେବେ ତୁମେ ଫିକା ଗୋଧୂଳିର
ନୂତନ ଆଭାର ନୂତନ ଆଲୋକ
ନିବୁଜ ଅନ୍ଧାର ଶୀତଳ ଛାଇର
ଆଦ୍ୟ ଆଷାଢ଼ର ଉନ୍ମୁକ୍ତ ଆକାଶ

କେବେ ପୁଣି ତୁମେ...
ଅପରାହ୍ନ ଛାଇ ଲେଉଟାଣିର
ବାସ୍ନାୟିତ ପ୍ରୀତିର ଅବିର
ଛାତିରେ ଛାତିଏ ଦୀର୍ଘଶ୍ୱାସର
ପରଶର ମଣି ଅମୃତର

ଜହ୍ନକୁ ବିଶ୍ୱାସ ଯେତେ
ଜୋଛନାକୁ ନୁହେଁ
କିନ୍ତୁ ତୁମେ ସଦାକାଳେ
ବିଶ୍ୱାସର ଫଲ୍ଗୁ ।

ଧନୁପାଲି, ସମ୍ବଲପୁର

# ଆଉ ଲେଖିବିନି ଜମା

## ନିରଞ୍ଜନ ସାହୁ

ଲେଖାଲେଖି ଏବେ ଛାଡିଦେବି ମୁହିଁ
ତହିଁରେ ଅଛି କି ଲାଭ
କାଗଜ ସହିତ କଲମ ଏବେ ତ
କରି ପାରୁନାହିଁ ଭାବ ।

ସମୟ ସରିଛି କାଗଜ ସରିଛି
ସରିଅଛି ପୁଣି କାଳି
ଅର୍ଥ ସରିଅଛି ମୁଣ୍ଡ ଘୁରିଅଛି
ଲଭିଅଛି ତାଳି, ଗାଳି
ଅଥଳ ଜଳରେ ଟଳମଳ ହୁଏ
ମୋହରି ସଂସାର ନାବ ।

ଲକ୍ଷ୍ମୀ ସରସ୍ୱତୀ ସଉତୁଣୀ ବୋଲି
ପୁରାଣ କୁଆଡେ କହେ
ସରସ୍ୱତୀ କୃପା ମିଳେ ସିନା ମୋତେ
ଲକ୍ଷ୍ମୀ ମୋ' ସଂସାର ଦହେ
ସମୟ ଏମିତି ଆସିଯିବ ମୋତେ
କାହିଁ ନ ମିଳିବ ଠାବ ।

ନିହଲ ପ୍ରସାଦ,
ଗଁଦିଆ ପାଟଣା, ଢେଙ୍କାନାଳ

# ସମ୍ପର୍କ, ଏମିତି ସୂତାଟିଏ



## ରମେଶ ଚନ୍ଦ୍ର ମିଶ୍ର

ସମ୍ପର୍କ, ଏମିତି ସୂତାଟିଏ
ଯେତେ ଯୋଡୁଥିଲେ ଲମ୍ବି ଲମ୍ବି ଯାଏ
ଦୁନିଆର...ଏ କୋଣରୁ...ସେ କୋଣ ଯାଏ ।
ସମ୍ପର୍କ, ଏମିତି ସୂତାଟିଏ ।୦।

ପଥର ଉପରେ ପଥର ଲଦିଲେ
କଳା ଥିଲେ ହୁଏ ମନ୍ଦିର
ସମ୍ପର୍କ ବଢ଼ାଇ ବଢ଼ାଇ ଚାଲିଲେ
ସାତପର ହୁଏ ଆପଣାର
ସମ୍ପର୍କର ମାନ ରଖି ତ ପାରିଲେ
ଜୀବନ......ସାର ହୁଏ ।
ସମ୍ପର୍କ, ଏମିତି ସୂତାଟିଏ ।୧।

ଗଢିବାରେ ସିନା ଆନନ୍ଦ ମିଳଇ
ଭାଙ୍ଗିଗଲେ ଲାଗେ ଦୁଃଖ
ସୁଖ ଆରପାଖେ ଦୁଃଖ ଲୁଚିଥାଏ
ଆଣିଦିଏ ଖାଲି ଶୋକ
ଜୀବନର ବାଟ ହୁଏ ମରୁବାଲି
ହତାଶା......ଛାଇଯାଏ ।
ସମ୍ପର୍କ, ଏମିତି ସୂତାଟିଏ ।୨।

କିଣାବିକା ହାଟ ଏଇ ଦୁନିଆଟା
ସମ୍ପର୍କ ସଉଦା ସାରି
ନିଜର ସଉଦା କିଣିଦେଲା ପରେ
ଯିବା ଦିନେ ପୁଣି ଫେରି
ଦୁଇଦିନ ପାଇଁ କୁଣିଆ ଏକଥା
ମଣିଷ......ଭୁଲିଯାଏ
ସମ୍ପର୍କ, ଏମିତି ସୂତାଟିଏ ।୩।

ତାପସ କୁଟୀର, ବଇଣ୍ଡା, ଅନୁଗୋଳ

# ଦୁଇଟି କବିତା

ତପନ ଦୀକ୍ଷିତ

## ପଲ୍ଲୀ ପ୍ରଣତି

ସାଉଁଳା ଶୀତର ଝରା କାକରରେ
କଅଁଳ ଖରାର ଖେଳ
ତହିଁ ପରେ ପୁଣି କାଶର ପସରା
ଚାରିଆଡେ ମାଳ ମାଳ,
ଫୁଲେ ଫୁଲେ ଝୁଲା ପରଜାପତିଙ୍କ
ରଙ୍ଗ ବେରଙ୍ଗର ମେଳା
ତୁଠ ଫେରନ୍ତାଣି ପାଉଁଜି ନୂପୁରେ
ରୁଣୁଝୁଣୁ ପଲ୍ଲୀବାଳା,
ଦୂର ତାଳବଣ ସାଇଁସାଇଁ ସୁରେ
ଗାଏ ଯେବେ ପଲ୍ଲୀଗୀତି
ସତେ ଅବା ଲାଗେ ଋତୁ ଶରତର
ସକାଳ ପଲ୍ଲୀ ପ୍ରଣତି ।।

## ଶୀତ ସକାଳର ହସ

ସୋରିଷ ଫୁଲିଆ ମୁହଁରେ ତୁମର
ଶୀତ ସକାଳର ହସ
ଗୋଲାପ ପାଖୁଡ଼ା ଦେହରେ ତୁମର
ଭ୍ରମର ଭୁଲାର ବାସ,
ମନ ନିରିଜନ ନଈ ପଠାପରେ
କାଶତଣ୍ଡି ମନ ନେଇ
ଛାତିଟା ଜାବୁଡି ଫୁଟି ହସୁଥାଏ
ଶୀତ କାକରକୁ ପିଇ,
ହେଲେ ତୁମେ ଥାଅ ବାସ୍ତବ ସାଉଁଟି
ନିମ୍ନ ମନା ସମାଜରେ
କେହି କାଳେ କିଛି ବୋଲିବେ ତୁମକୁ
ନିନ୍ଦା ଅପବାଦ ଡରେ ।।

ନାସିକେଶ୍ୱର, କାକଟପୁର, ପୁରୀ

# ନିଧନ ସଙ୍ଗାଳୀ



**ହାସ୍ୟମୟୀ ରାଜ୍**

ମୋ' ନାହିଁ ନାହିଁର ଦୁନିଆ ଭିତରେ
ତୁ ବିଶ୍ୱାସର ହଁ ଟିଏ
ମୋ' ମୁଠାମୁଠା ଶୂନ୍ୟତା ଭିତରେ
ତୁ ସ୍ୱପ୍ନ ଆଞ୍ଜୁଳାଏ,
ତୋ ଦେହର ଧୂଳି ଝାଡିଦେଲେ
ମୋ' ମନର ଅଳନ୍ଧୁ ସବୁ
ନିମିଷକେ ଦୂର ହୋଇଯାଏ
ଆଉ ତୁ ବୋଉ ବୋଲି ଥରେ ଡାକିଦେଲେ
ମୋ' ହୃଦୟଟା କୁଣ୍ଢେ ମୋଟ ହୁଏ
ସବୁ ସୁଖ ମୋର ସେଇଠି ଲଟକି ଥାଏ
ତୋ ବିନା ମୁଁ ସତରେ ମୁଁ ନୁହେଁ ।।

ତୁ ମୋତେ ବୁଝୁ କି ନବୁଝୁ
ତାର ହିସାବ ରଖିବାକୁ ବେଳ ପାଏନା
ହେଲେ
ତୋ କଥା ବୁଝିବା ବିନା
ମୋ' ଆଖିରେ ନିଦ ହୁଏନା
କି ପେଟକୁ ଦାନା ଯାଏନା
ତୋ ହସ ହସ ମୁହଁ ଦେଖିଲେ
ଅପୂର୍ବ ପ୍ରଶାନ୍ତିରେ ମୋ' ଅନ୍ତର ଭରିଯାଏ
ଆଉ ତୋ ଆଖିରେ ଲୁହ ଦେଖିଲେ
ମୁଁ ଗୋଟାପରି ବତୁରିଯାଏ
ଆଉ ମୁଁ କିଛି ଚାହେଁନା ରେ
ତୁ ଖାଲି ଗୋଟେ
ମଣିଷ ପରି ମଣିଷ ହେଇ ଯା'
ଆଉ ମୋ ହୃଦୟକୁ ବୁଝିଯା
ଏତିକି ଚାହେଁ
ସେଇଥିରେ ମୋତେ ସ୍ୱର୍ଗସୁଖ ମିଳିଯାଏ ।।

**ଓରାଳି, ହାଟଡିହି, କେନ୍ଦୁଝର**

# ଅଭୁଲା ସ୍ମୃତି



**ଦିବାକର ନାୟକ**

ତମ ସିନ୍ଦୂର ପଛରୁ
ଆଜି ବି ସେଇ ଟିକିଲି
ଚଲାବାଟେ ମୋତେ କଣେଇ ଚାହେଁ
ତମ ଓଢ଼ଣା ଭିତରୁ
ଆଜି ବି ସେଇ ଓଢ଼ଣି
ସବୁ କଥା ମନେ ପକେଇ ଦିଏ (୦)

ବାନ୍ଧବୀ ରୂପରେ ଆସିଥିଲ ଦିନେ
ଏଇ ମୋ' ଜୀବନ ପରିସୀମାକୁ
ବାଟ ଚାଲୁଚାଲୁ ଚାହିଁଥିଲ ଦିନେ
ଧରିବାକୁ ପରା ମୋ' ହାତକୁ

ତମ ଅଧର ଫାଙ୍କରୁ
ଆଜି ବି ସେଇ କାହାଣୀ
ପଢୁପଢୁ ମନ ଚହଲି ଯାଏ..
ତମ ସିନ୍ଦୂର ପଛରୁ
ଆଜି ବି ସେଇ ଟିକିଲି
ଚଲାବାଟେ ମୋତେ କୋଣେଇ ଚାହେଁ (୧)

କିଏ ଜାଣିଥିଲା ପୂନେଇଁ ଜହ୍ନରେ
ନିଆଁ ଲଗାଇବ ନିଜର ଲୋକ
ଦୁଇଟା ମନକୁ ନଈ ବନ୍ଧ ସମ
ଅଲଗା କରିବ ଜୀବନଯାକ

ତମ ନୟନ କୋଣରୁ
ଆଜି ବି ସେଇ ଚାହାଣି
ଡାକୁଥିବ ମୋତେ ମରିବା ଯାଏ..
ତମ ସିନ୍ଦୂର ପଛରୁ
ଆଜି ବି ସେଇ ଟିକିଲି
ଚଲାବାଟେ ମୋତେ କୋଣେଇ ଚାହେଁ (୨)

**ପାଟପୁର, କନିସି**
**ଗୋଳନ୍ଥରା, ଗଞ୍ଜାମ**

# ଶୀତ ଗୀତ



**ଆରାଧନା ଦାଶ**

ଶୀତ ରତୁଟିଏ ଛଅ ରତୁ ମଧ୍ୟେ
ଆସେ ହେମନ୍ତର ଶେଷେ,
ସକାଳ ଶିଶିର କୁହୁଡ଼ି ଚାଦରେ
ସିକ୍ତା ଧରଣୀ ହସେ,
ଶୀତ ଥୁରୁଥୁରୁ ହୃଦ ଥରା ବ୍ୟଥା
ଭିକାରିର ଭଙ୍ଗା ମନ,
କଳ୍ପିତ କେଉଁ ଅଜଣା ରାଇଜେ
ଶୀତ କୁଆଁରୀ ସପନ।
ଶୀତ ଆଣିଦିଏ କ୍ଲାନ୍ତ ଅପରାହ୍ନ
ଜହ୍ନରାତି ଫିକାଫିକା ,
ଶୀତର କାହାଣୀ ସୋରିଷ କ୍ଷେତର
ସୁବର୍ଣ୍ଣ ଶେଯରେ ଲେଖା।
ଶୀତ ଆଣିଦିଏ ପ୍ରକୃତି ବିଭବ
ନାନା ଜାତି ପକ୍ଷୀ ଶୋଭା,
ଭିତରକନିକା ଚିଲିକା ଛାତିରେ
ଟାଣିଦିଏ ବର୍ଣ୍ଣବିଭା।
ଅଳସୀ ଫୁଲର କାଉଁରୀ ଛୁଆଁରେ
ଶୀତ ଆସେ ଥିରିଥିରି,
ମାଘମାସ ଶୀତ ବାଘ ପରି ବୋଲି
ଚାରି ଆଡେ ପଡ଼େ ହୁରି।

ମନେ ପଡ଼ିଯାଏ ସେହି ପିଲାଦିନ
ଶୀତୁଆ ସକାଳ କଥା,
କାଲୁଆ ଶୀତରେ ଚୁଲି ପାଶେ ଘେରି
ଶୁଣୁଥିଲୁ ଆଈ କଥା।
ମାଆ କରୁଥିଲା ବଡ଼ିଚୁରା ଆଉ
ସୁଆଦିଆ କାଞ୍ଜିପାଣି,
ସକାଳ ସୂରୁଯ ଦାଣ୍ଡ ଅଗଣାରେ
ରଶ୍ମି ଦେଉଥିଲା  ବୁଣି।
ମସିଣା ପକାଇ ପଢି ବସୁଥିଲୁ
ଭାଇ ଭଉଣୀ ତିନିହେଁ,
ମନେ ପଡ଼ିଗଲେ ସେହି ପିଲାଦିନ
ଆଜିବି ହୃଦ ମୋ' ଦହେ।
ଇଚ୍ଛା ହୁଏ ପୁଣି ଆସନ୍ତା କି ଫେରି
ସେହି ଅତୀତର ଦିନ,
ସମୟ ସ୍ରୋତରେ ଆଗକୁ ଆଗକୁ
ଧାଉଁଛି ଏହି ଜୀବନ।
ଶୀତ ଆସୁଥିବ ଶୀତ ଯାଉଥିବ
ଏ ଧରାକୁ ବାରମ୍ବାର,
ବ୍ୟତିକ୍ରମ କେବେ ହେବନାହିଁ ତାର
ନିୟମ ଏହି ସୃଷ୍ଟିର।

**ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା**

# କିଏ ଗଢେ ଇମାରତ

ବିଭୁପ୍ରସାଦ ମହାପାତ୍ର

କିଏ ଗଢ଼େ ଏଠି ୟୁନିଭର୍ସିଟି
କିଏ ଗଢ଼େ ଇମାରତ
ଶଂଖ ମଲମଲ ପ୍ରାସାଦ କାହାର
ଆଣ୍ଠିଲିଆ ପରି ଛାତ ।
ଛ' ହାତ ଜାଗାରେ କେ ଘର ତୋଳଇ
ନଥାଏ ଛପର ଛାତ
ଗରିବ ବାପୁଡ଼ା ବସ୍ତି ଭାଂଗଇ
କପାଳେ ମାରଇ ହାତ ।
ସରକାରୀ ଜମି କବ୍ଜା କରିଣ
କେ କରେ ସମାଜସେବା
ଜନସେବା ନାଁରେ ପୃଥ୍ୱୀରେ ଅବା
ପୁରସ୍କାର ସାଉଁଟିବା ।
କୋଟି କୋଟି ଟଙ୍କା ଛାଡ଼ ବଡ଼ ବଡ଼େ
ବିଜୁଳିର ବାବଦକୁ
ସାତ ସିଆଁ ଛାତେ କାହାର ଭରସା
ସୂର୍ଯ୍ୟ ଚନ୍ଦ୍ରାଲୋକକୁ ।

ଭୋଗଡା, ବାଘମାରୀ, ଖୋର୍ଦ୍ଧା

# ଅବ୍ୟକ୍ତ ଅଭିମାନ

**ଜୟନ୍ତୀ ସ୍ୱାଇଁ**

ଜୀବନର ମାନେ କିଛି ନୁହେଁ ଏଠି
ସବୁକିଛି ସ୍ମୃତି ଆଉ ସ୍ମୃତି....
ସ୍ନେହ ପ୍ରେମର ମମତା ବନ୍ଧନ
ସବୁ ଖାଲି ନିହାତି ନିହାତି....

କେହିନାହିଁ ବୁଝିବାକୁ ଅନ୍ୟ କା'ର ମନ,
ସେ ଝୁରିଝୁରି ଯିବ ପଛେ ମରି....
କିନ୍ତୁ ବ୍ୟକ୍ତ କରିପାରେନା ତା' ଅବ୍ୟକ୍ତ ଅଭିମାନ
ହୃଦୟରେ ହେଉଥାଏ ଘାରି...

ଯନ୍ତ୍ରଣାରେ ଛଟପଟ ତାର ନିରୀହ ମନଟା,
ମନେ ସଦା ଢ଼ାଳୁଥାଏ ଲୁହ....
ଅନେକ କରଇ ଚେଷ୍ଟା, କହିଦେବ ମନକଥା,
କିନ୍ତୁ ସବୁବେଳେ ତାକୁ ଟାଣିଧରେ ସମାଜର ମୋହ....

ଏକୁଟିଆ ବସି ଧୀରେଧୀରେ ଗଢ଼ି ଚାଲିଥାଏ,
ତା ସ୍ୱପ୍ନର ସୌଧଟା...
କିନ୍ତୁ ସେ ଡରିଯାଏ ଦେଖି ଏହି ବିଷାକ୍ତ ଦୁନିଆଁ,
କାଳେ କେବେ ତା' ସୌଧଟାରେ ପଡ଼ିଯିବ ଭଟ୍ଟା.... ||

**ବରାଙ୍ଗ, ଅସ୍ତରଙ୍ଗ, ପୁରୀ**

# ତୁମକୁ ମୁଁ ପାଏ ଭଲ

ନିରୁପମା ପାଣି

ତୁମେ ତ ବୁଝନା
ମୋ' ମନ ବେଦନା
ହୃଦୟର ଦୁଃଖ ଯେତେ
ତୁମକୁ ନ ପାଇ
କେତେ ମୁଁ ଝୁରୁଛି
ଜାଣି ବି ଅଜଣା ସତେ

ଏକା ଏକା ଥାଇ
ଭାବେ ମୁଁ ତୁମକୁ
ସମୟ ଦିଏ ବିତେଇ
ଥରୁଟେ ହେଲେ ବି
ପାରୁନାହିଁ କହି-
ତୁମ ଛଡା କେହି ନାହିଁ

ଅନ୍ତର ଭିତରେ
ଜଳୁଛି ମୋ' ନିଆଁ
ପାରୁନି ତାକୁ ଲିଭେଇ
ସେନେହ ସରାଗ
ବରଷାରେ ଟିକେ
ଦିଅ ଥରୁଟେ ଭିଜେଇ

ନା କହି ପାରୁଛି
ନା ସହି ପାରୁଛି
ବିରହ ଯନ୍ତ୍ରଣାଜ୍ୱାଳା
ଆସ ଥରେ ପ୍ରିୟ
ଥରେ କୋଳେ ନିଅ
ହୃଦୟେ ହୃଦୟ ମିଳା

ଶୀତଳ ଛୁଆଁରେ
ଲିଭାଇ ଦିଅ ହେ
ଦେହର କାମନା ନିଆଁ
ହେଲି ହେବି ପଛେ
ଚରୀତ୍ରହୀନା ମୁଁ
ଯାହା କହୁ ଏ ଦୁନିଆଁ

ଜୁଇ ନିଆଁଠାରୁ
ବେଶୀ ଏ ଜଳିବା
ଦେଖେଇ ହୁଏନା କା'ରେ
ଜାଣି କେ ପାରୁନି
ଜଳେ ଏ ଅନ୍ତର
ଦେଖିଯାଅ ବନ୍ଧୁ ଥରେ।

ଚାନ୍ଦବାଲି, ଭଦ୍ରକ

# ଲାବଣ୍ୟବତୀ



**ବେଣୁଧର ସୂତାର**

ତୁମେକି ଗୋ ସେଇ ନିର୍ଜନ ନିଶିର
ସ୍ୱପ୍ନମୟୀ ପ୍ରୀତିଛନ୍ଦା
ତୁମେକି ଗୋ ସେଇ ପ୍ରୀତିନଗରୀର
ଅଳସୀ ଅଳକାନନ୍ଦା ।।

ତୁମେକି ଗୋ ସେଇ ପିଆସୀ ଅନ୍ତର
ରସ ମାଧୁର୍ଯ୍ୟର ଧାର
ତୁମେକି ଗୋ ସେଇ କବି ହୃଦୟର
ମୂର୍ଚ୍ଛନାର ମଧୁ ସୁର ।।

ତୁମେକି ଗୋ ସେଇ ଦୂର ଗଗନର
ଜ୍ୟୋତ୍ସ୍ନା ଭିଜା ନୀଳଜହ୍ନ
ତୁମେକି ଗୋ ସେଇ ପୁଷ୍ପ ବାଟିକାର
ବାସ୍ନା ବିଭୋର ମନ ।।

ତୁମେକି ଗୋ ସେଇ ପ୍ରାଚୀ ଲଲାଟର
ଉଦିତ ଅରୁଣ ଆଭା
ତୁମେକି ଗୋ ସେଇ ଚାରୁ ପ୍ରକୃତିର
ଫୁଲେ ଫୁଲେ ରଙ୍ଗ ସଭା ।।

ତୁମେକି ଗୋ ସେଇ ଚଇତି ଲଗନ
ଜ୍ୟୋସ୍ନା ଜୁଆର ରାତି
ତୁମେକି ଗୋ ସେଇ ସ୍ୱପ୍ନ ମଧୁମାସ
ଫୁଲ ଫଗୁଣର ପ୍ରୀତି ।।

ତୁମେକି ଗୋ ସେଇ ଚାରୁ ଗୋଧୂଳିର
ଚୋରା ଚୋରା ସମ୍ମୋହନ
ତୁମେକି ଗୋ ସେଇ କୁହୁକ ପୁରୀର
ସପନର ଫୁଲବନ ।।

ତୁମେକି ଗୋ ସେଇ ସାଗର ବୁକୁର
ପ୍ରୀତି ଶାମୁକାର ମୋତି
ତୁମେକି ଗୋ ସେଇ ରମ୍ୟକ ଦ୍ୱୀପର
ଲଳିତ ଲାବଣ୍ୟବତୀ ।।

ତୁମେକି ଗୋ ସେଇ ସରଗ ପୁରୀର
ଚାରୁ ହାସୀ ଲାସ୍ୟମୟୀ
ତୁମେକି ଗୋ ସେଇ ଅମିୟ ଅଧରୀ
ଚମକାଅ ମର୍ତ୍ତ୍ୟଭୂଇଁ ।।

କେଶଦୁରାପାଳ,
କେନ୍ଦୁଝର

# ଫେରି ଆସନ୍ତାକି ମୋ' ପିଲାଦିନ

ପ୍ରସନ୍ନ ମଣ୍ଡଳ



ଫେରି ଆସନ୍ତା କି ମୋ' ପିଲାଦିନ
ଆଉଥରେ ହୋଇ ଯାଆନ୍ତି ସାନ
ଗାଁରେ ଥାଆନ୍ତା ଚାଳ ଛପର
କେହି ନ ଭାବନ୍ତା ଆପଣା ପର
ଦାଣ୍ଡରେ ଥାଆନ୍ତା ବାଲି
ଆମ୍ବତୋଟା ଆଉ
ଏନ୍ତୁଡି ବଣିଆ
ପଡିଆ ଥାଆନ୍ତା ଖାଲି ।

ଆଉଥରେ ଧରି ସିଲଟ ଖଡି
କଅ' ଖଅ' କହି ଛାଡ଼ନ୍ତି ରଡି
କମ୍ପାସ ମୁନରେ ତାଡ଼ନ୍ତି କାନ୍ଥ
ପିଣ୍ଡାରୁ ପଡିକି ଭାଙ୍ଗନ୍ତି ଦାନ୍ତ
ଦଣ୍ଡାରେ ଭସାନ୍ତି ଡଙ୍ଗା
ମାଛ ଧରିବାକୁ
ବରଷା ପାଣିରେ
ଘୋଷାରନ୍ତି ଜାଲି ଟଙ୍ଗା ।

କିଣନ୍ତି କଣ୍ଢେଇ ବିକିକି ଚୁଟି
ବୁଲନ୍ତି ମିଛରେ କହିକି ଛୁଟି
ଆଣ୍ଠୁଆ ବସନ୍ତି ଡେରିରେ ଯାଇ
ପଛରେ ବସିକି ମାରନ୍ତି ହାଇ
ଚକ କଳ ଅଖ ଖଇ
ଲେଖିବା ବେଳକୁ
ନଖ କାମୁଡିକି
ମିଛରେ କାଢ଼ନ୍ତି ଛଇ ।

ଚିରନ୍ତି ବାପାଙ୍କ ଦୋଷଡା ଧୋତି
ବୁଣନ୍ତି ପିଣ୍ଡାରେ ଚୋକଡ଼ ବୋତି
ପାହାଚରୁ ପଡି ଭାଙ୍ଗନ୍ତି ହାତ
ବୋଉ ଆଉଁସିକି ଖୁଆନ୍ତା ଭାତ
ବାଉଁଶିଆ ଟୋପି ଧରି
ଡବା ସଢ଼େଇରେ
ଦୋକାନ କରିକି
ବିକନ୍ତି କାଗଜ ଜରି ।

ସକାଳୁ କିଣନ୍ତି ଘୁଗୁନି ବରା
ବୁଲନ୍ତି ନମାନି ବରଷା ଖରା
କଳିକଲେ କେହି ପକାନ୍ତି କଟି
ଖେଳପଡିଆରେ କରନ୍ତି ଖଟି
ଧରନ୍ତି ସାଧବବୋହୂ
ଥଣ୍ଡା କାଶ ଦେଖି
ବୋଉ ସଜାଡ଼ନ୍ତା
ତୁଳସୀପତର ମହୁ ।

କୋଟପଲ୍ଲା, ବାଘମାରି, ଖୋର୍ଦ୍ଧା

# ଚୋରା ବାଲି (ଗୀତି କବିତା)

**ରତ୍ନପ୍ରଭା ବାଇ**

ତମେ ସିନା ଗଲ ଭୁଲି
ମୁଁ, ଭୁଲି ପାରିନି ବୋଲି,
ପ୍ରୀତିର ଧାରାରେ ଭିଜେଇ ଚାଲିଛି
ସଂପର୍କର ମରୁବାଲି । (୦)

ଅତୀତକୁ ଆଜି ଆଖି ପାଉନାହିଁ
ଦିଶୁଛି ଝାପସା ଝାପସା
ଅଳନ୍ଧୁ ଲଗା ସେ ଅଭୁଲା ମୂହୁର୍ତ୍ତ
ବାଇ ଚଢ଼େଇର ବସା
ଆଜି ବି ମନକୁ ଦୋହଲେଇ ଦିଏ
ପବନରେ ଝୁଲି ଝୁଲି ।
ଭୁଲି ମୁଁ, ପାରୁନି ବୋଲି । (୧)

ପ୍ରଣୟ ପୂର୍ବର ଅଧା ଲେଖା ଗୀତ
ତମେ ଭୁଲି ଗଲ ସିନା
ମନ ଅଗଣାକୁ ଆସନାହିଁ ବୋଲି
ଏ ଯାଏଁ କରିନି ମନା
ଜହ୍ନ ଆଲୁଅରେ ଦେଖିବାକୁ ଥରେ
ଚାହିଁଛି ଝରକା ଖୋଲି ।
ଭୁଲି ମୁଁ, ପାରିନି ବୋଲି । (୨)

ବୁଝିଛକି ଥରେ ଭଙ୍ଗା ହୃଦୟରେ
ପ୍ରେମର ପରାସ କେତେ
ମନକୁ ସଳଖି ଧରି ମୁଁ, ଚାଲିଛି
ସପନର ପଥେ ପଥେ
ଚାଲି ଚାଲି କେବେ ଝୁଣ୍ଟି ପଡୁଛି ତ,
କେବେ ପୁଣି ଚୋରାବାଲି ।।
ଭୁଲି ମୁଁ, ପାରିନି ବୋଲି । (୩)

**ସଂପାଦିକା,**
**ବର୍ଣ୍ଣାଳୀ ସାହିତ୍ୟ ସଂସଦ,**
**ବଉଳ ଛକ, ତାଳଚେର ଟାଉନ, ଅନୁଗୁଳ**

# ବିଦାୟ ବେଳାର ବାସ୍ନା



## ପୂର୍ଣ୍ଣ ଦାସ

ଯାଉଣୁ ଆସୁଣୁ ଆଖି ପଡୁଥିବ
ଝୁଲୁଥିବି ମାଟି କାନ୍ଥରେ,
ଖରା ଧୋଉଥିବ ଖରକା ବେଳାର
ଛାଇଯାକ ତୁମ ଛାତରେ ।

ରଣକୁହୁଡ଼ିରେ ଦିଶୁ ନଥିବ ଗୋ
ବଗିଚାର ଭଙ୍ଗା ପାଚେରି,
ଚାଲାକ ଜହ୍ନ ବି ଠିକଣା ଭୁଲିବ
ସିନିହ ମୋ' ଦେବ ପାସୋରି ।

ମୁଦା ହୋଇଥିବ ଜାଉଁଳି କବାଟ
ଝୁଲୁଥିବ ଗୋଟେ ପରଦା,
ଲେଖାଥିବ ତହିଁ, ହେ ବନ୍ଧୁ ବିଦାୟ
ପବନ ପୋଛିବ ଶରଧା ।

ନଥିବ ସେଦିନ ତିଥିବାର କିଛି
ନଥିବ ଆଲୁଅ ଅନ୍ଧାର,
ଗେରୁଆ ମାଟିର ଅରୁଆ ଆଶାରେ
ଫୁଟିବାକୁ ରଙ୍ଗ ମନ୍ଦାର ।

ତତେ ଚାକିବାର କଥା ବି ନଥିବ
ଭୁଲିଥିବି ଭୁଲାମନକୁ,
ବଉଳବେଦୀର ନିଶି ଆକାଶରେ
ଦେଖିବାକୁ ରୂପାଜହ୍ନକୁ ।

କଣ୍ଢାବଣିଆ, ଛତ୍ରପଡ଼ା
ପ୍ରୀତିପୁର,ଯାଜପୁର

# ସୁରା ପିଆଲାରେ...



## ତାରାପ୍ରସାଦ ଜେନା

ସୁରା ପିଆଲାରେ ଦୁଃଖ ବୁଝୁନି ମନ
ନୀରବ କୋଣରେ ଗଣେ ପୁରୁଣା ଦିନ
ପାଛଟେ ହେଇନି ଯାହା ଯନ୍ତ୍ରଣା ହୀନ ! ୦ !

ତାସ୍ଲଲ୍ୟ କରୁଛି କିଏ ଦୂରରୁ ଦେଖି
ନିନ୍ଦାର ବଜାରେ ପେଲି ହେଉଛି ସୁଖୀ,
ଆଲୁଅ ପାଇଁକି ଥିଲେ ବନ୍ଧୁର ମାୟା
ଅନ୍ଧାର ପାଇଁକି ନୁହେଁ ସାମାନ୍ୟ ଛାୟା,
ଆଶ୍ବାସ ଓଗାଳେ ବାଟ, ସାକୀର ଦାନ
ଦରଜ ପାଖକୁ ଛିଡ଼ା ଦରଦ ମାନ ! ୧ !

ସାକୀର ଓଢ଼ଣୀ ଦିଏ ଲୁହକୁ ପୋଛି
ହସର ସହଜ ଆଖି ଶରଧା ଅଛି,
ସୁରାର ପିଆଲା ତଳେ ରହିଛି ପଡ଼ି
ସାକୀର ସୁରାର ଓଠ ରହୁଛି ଭିଡ଼ି,
ଥୋକାଏ ମୋହରେ ଥିଲେ ଗୋଟାଇ ଧନ
ଆଜି ତ ସେସବୁ ହେଲେ ମୋ ଆଖି ସାନ ! ୨ !

ସାକୀର ମର୍ଯ୍ୟାଦା ମୋର ଖିଆଲ ନୁହେଁ
ଜୀବନ ଛବିକୁ ଦେଖେ ନିଆରା ମୁହେଁ,
ସାକୀ ମୋ' ଆପଣା ସଖୀ ସଲ୍ଲଜ ଭାବ
ଅଦିନ ବସନ୍ତ ବନେ କୋଇଲି ରାବ,
ବୟସ ଅଫେରା ପଥେ ସାକୀର ଥାନ
ଅଭୁଲା ରହିବ ଆହା ବାକି ଜୀବନ ! ୩ !

ରାଜ ରଣପୁର
ନୟାଗଡ଼

# ହସି ଉଠିବ ଏ ଧରା....



ସୁକାନ୍ତି ମିଶ୍ର

ମଥା ସାଉଁଳେଇ ପବନ କହୁନି କଥା
ପତୁରି ଗଜାଟି ମାଟିରୁ ଟେକୁନି ପତା.....

ଶୁଭୁନାହିଁ ନଈ କୁଳୁକୁଳୁ ମିଠା ଗୀତ
ପାହାଡ ନାସୀରେ ମେଘ ବାନ୍ଧୁନାହିଁ ନେତ...

ଆଷାଢରେ ଆଉ ଭିଜୁନାହିଁ ଏଇ ମାଟି
ଭଲ ଲାଗୁନାହିଁ ରାତି,ରତୁ,ଦିନ,ତିଥି....

ଘାସ ଗାଲିଚାରେ ଦିଶୁନି ସାଧବ ବୋହୂ
ମେଘର ଘୁମୁରା ଶୁଭୁନି କାନକୁ ଆଉ....

ଦିଶୁନାହିଁ କାହିଁ ହଳଦୀବସନ୍ତ ମୁହଁ
ଥୁଣ୍ଟା ଡାଳେ ଚାହିଁ ଫଗୁଣ ଢାଳୁଛି ଲୁହ...

ଡହକ ଖରାରେ ସିଝି ସିଝି ଏହି ଧରା
ତାତିଲା ବାଲିରେ ଭାଜି ହୁଏ ସତେ ପରା....

ରତୁ ତ ଭୁଲିଛି ମାଟିର ଠିକଣା ଆଜି.
ଗୋଚର ପାଟରେ ମାଳମାଳ କୋଠାରାଜି.....

ଆସ ପିଲେ ଆସ ଆଉ କରିବାନି ଡେରି
ବେଳ ଥାଉ ବନ୍ଧ ବାନ୍ଧିଦେବା ପାଗଭିଡି...

ଟିକି ହାତେ ଆମ ରୋପି ଟିକିଟିକି ଚାରା
ଶାଗୁଆ ପାଟରେ ମଣ୍ଡିଦେବା ଏହି ଧରା....

ଜୈବ ବିବିଧତା ଅନୁରାଗେ ଏଇ ମାଟି
ମିଠା ହସ ବାଣ୍ଟି ଖୁସିରେ ପଡିବ ଲୋଟି...

କେଦାରେ କେଦାରେ ସବୁଜିମା ଖୁସି ତୋଳି
ଗୀତ ଗାଇ ବାଆ ଖେଳୁଥିବ ବାନ୍ଧି ଦୋଳି.....

କେତେ ଜାତି ଫୁଲେ କବରୀ ସାଜିବ ଧରା
ଜାତି ଜାତି ଫଳେ ଏ ମାଟି ହସିବ ପରା .....

ନାଚିବ ଝରଣା ମେଘର ଘୁଙ୍ଗୁର ନାଇ
କାଗଜ ଡଙ୍ଗାଟେ ଭସାଇବା ଖୁସି ହୋଇ.....

"ସମ୍ପର୍କ"
ସାରସ୍ୱତ ନଗର, ସିଦ୍ଧମହାବୀର, ପୁରୀ

# ହୃଦୟ

ପ୍ରଜ୍ଞା ମହାନ୍ତି



କାହାର ହୃଦୟ ଯାଏଁ ପହଞ୍ଚିବା
ସହଜ ସିନା ମନେହୁଏ
ଫେରିବାକୁ ହେଲେ
ହୃଦୟ ତାହାର
ଭାଙ୍ଗି ଫେରିବାକୁ ହୁଏ।
ପ୍ରେମର ମନ୍ଦିର ଅମୁହାଁ ଦେଉଳ,
ଚାରିଦ୍ୱାର ମୁଦଥାଏ
ପ୍ରେମର ପୂଜାରୀ ନିବୁଜ ରହି ତହିଁ,
ଅଢେଇ ଅକ୍ଷର ଜପୁଥାଏ।
ନିଜ ହୃଦୟକୁ ପାଖ ବା ଦୂରରୁ
ଯିଏ ଭଲ ପାଉଥାଏ
ଏକାନ୍ତରେ ରହ ବାରମ୍ବାର କହି
ନିଜଠାରେ ହଜିଯାଏ।

**ମାତୃ ନିବାସ,**
**ମାତୃବିହାର, ବୁଢ଼ାରାଜା, ସମ୍ବଲପୁର**

# ପ୍ରେମ ଉଜାଗର

ଆଶୁତୋଷ ମେହେର



ଜୀବନେ ଆସିଲ ରାଗିଣୀର ସୁରେ
ଛାଡିଗଲ ପର କରି,
କେଉଁଠି କେମିତି ଭୁଲ୍ ବୁଝାମଣା
ମନେ ଦେଲା ବିଷ ଭରି .....।।୦।।

ଆମ୍ବ ବଉଳର କୋଇଲି ତୁମେ ଯେ
ଗାଉଥିଲ ମନ ଭରି,
ଅଜାଣତେ ସତେ କେମିତି ତୁଟିଲା
ସଂପର୍କକୁ ଦେଲଚିରି,
ସେଇଟାକୁ ପରା ଖୋଜି ଧରିବାକୁ
ମନ ହାଇଁପାଇଁ ଘାରି......।।୧।।

ମିଳନ ବିଚ୍ଛେଦ ନୂଆଁ କିଛି ନୁହେଁ
ଜୀବନ ଯମୁନା ଜଳେ,
ଏମିତି ସତରେ ଅନୁରାଗ ମରେ
ନିଜ ପର ଅବହେଳେ,
ସେଇତକ ହୁଏ ବୁଝାମଣା ସଦା
ପ୍ରେମ ଉଜାଗର କରି......।।୨।।

୫୪ ଆର୍ଯ୍ୟପଲ୍ଲୀ
କିଟଛକ ପଟିଆ ଭୁବନେଶ୍ୱର

# ମାୟା

## ଡ. ସୁଚିତ୍ରା ରଥ

ତୁ ମୋର କେହିନୁହେଁ
ହଜାର ଥର କହିଲେ ବି
ତୁ ନଥିବାରେ କାହିଁକି
କୋହରି ଉଠୁଛି ପ୍ରାଣ ?
କାହିଁକି ଶୁଭୁଛି ବାରମ୍ବାର
କ୍ଷୀର ଗିନାଏ ପାଇଁ
ତୋର ଗୁହାରିଆ ଆକୁଳାଣ?

କେହିନୁହେଁ ବୋଲି ତ ତୋତେ
ଗେଲାଏନି, କୋଳାଏନି
ଘରଭିତରୁ ତାଗିଦା ଆସେ
ହାଁ, ରୋଗ ହୋଇଯିବଟି!
ହେଲେ ତୁ ଲୋଟୁଥାଉ
ପାଦ ତଳେ ବଶମ୍ବଦ ପରି
ତୋ' ପୋଷା ବୋଲାଇବାର
ହକ୍ ଜାରି କରି
ମୁଁ ନଥିଲେ ବି ବସିଥାଉ
ମୋ ବଳକା ଚପଲ ଆଦରି ।

ଥରେ ଭଲପାଇଗଲେ
ଆଉ କଣ ଦିଶେ ଧନ
ରୂପ ,ବିରୂପ ,ଗୁଣ କି ଖୁଣ
କ୍ଷୀର,ସର, ଛେନା , ମିଠା
ତୋ' ପାଇଁ ନିତି ଭାଗବଣ୍ଟା
ଏବେ ବି ତ ଛାଏଁ ବାଢ଼ିଆଣି
ଫେରୁଥାଏ ଦେଖି
ତୋ' ତାଟିଆରେ ପିମ୍ପୁଡିଙ୍କଧାର ।

ତୋ' ଘର, ମୋ' ଦାଣ୍ଡଦୁଆର
ଏବେ ଶୁନଶାନ୍ ଖାଁ ଖାଁ
ନାହିଁ ତୋ' ନସରପସର କି
ମୋର ଛନ୍ଦରମନ୍ଦର  ଭାବ
କଳ୍ପନାର ଆଖି ହଳେ ଯାହା
ଅଦୃଶ୍ୟରେ ଦେଖିପାରେ
ଚାରିକାତ ମେଲା ତୋ'
ହାଇମରା ଖରାବେଳେ
କଉତୁକ ଖେଳ ପୁଣି
ଅବେଳରେ ଫେରିବାର ବେଳ
ନିରବ ସକାଳ ।

ତୋତେ ଆବୋରିଥିବା
ମାଟି ତଳେ ଯବନିକା ପଡ଼େ
ତୋର ଅଳି କରା ଡାକ
ଆଉ ମୋର ମିଛ ରାଗ
ମାୟା ମଞ୍ଚରେ ଖାଲି ଯାହା
ଝରିପଡେ ଟୋପାଟୋପା ଲୁହ
ସ୍ମୃତି ଭରା ମୁଠେ ଅନୁରାଗ ।

ନୀଳଚକ୍ର ନଗର, ପୁରୀ

# ପଚାରନି, ତା'କୁ



**ସୁମିତା ବେହେରା ବାପି**

ଆଲୁଅର ଚାଦର ତଳେ
ଅନ୍ଧକାରକୁ ଛାତିରେ ଜଡ଼ାଇ ଧରି
ଅନ୍ୟମନସ୍କ ଭାବରେ ଘୂରି ବୁଲୁଥିବା
କେହିଜଣେ ଯଦି ଅଚାନକ,
ବାଟେ ଘାଟେ ହୋଇଯାଏ ଦେଖା ;
ଫୋପାଡ଼ି ଦିଅନା ତା'କୁ
ଅନୁକମ୍ପାଭରା ଚାହାଣିଟିଏ !
କାରଣ ବି ଖୋଜିବାକୁ ଯାଇ
ଅଣନିଶ୍ୱାସୀ ହୋଇପଡ଼ନା,
ଆଉ ପଚାରି ଦିଅନା କେବେ
କାହିଁକି ଏମିତି ସିଏ ? '

ନିରେଖି ଦେଖ ଥରେ,
ତା' ଛାତିର ପକେଟ୍ ପରେ
ନିଶ୍ଚୟ ପାଇଯିବ ଷ୍ଟାମ୍ପ୍ ଟିଏ,
ଲେଖାଥିବ,
'ପଳାତକ' ଅବା 'ପ୍ରତ୍ୟାଖ୍ୟାତ' !

ହଁ, କହିକି ପାରିବେ କେହି ?
ଛାତି ଉପରେ ରଖି ହାତ,
କିଏ ବା ହୋଇନି କେବେ "ପ୍ରତ୍ୟାଖ୍ୟାତ" ?
କିଏ ବା ଲୁଚାଇନି ମୁହଁ
ନିଜଠାରୁ ନିଜେ କେବେ
ହୋଇନି ସେ କାହା ନଜରରେ, "ପଳାତକ" ?

ଭୁବନେଶ୍ୱର

# ଶୀତ

ଗାୟତ୍ରୀ ବେହୁରା



ଝିଲିମିଲି କରେ କାକରର ବୁନ୍ଦା
ଦୂବ ଶିର ପରେ ବସି,
କଅଁଳ ଖରାରେ ସେକିହୁଏ ଧରା
ମୁରୁକି ମୁରୁକି ହସି,
ମଉନେ ବସିଛି ଶୀତ,
ଆବେଗରେ ଚୂଲି ପଚାରୁଛି ତାକୁ
ବସିବା କି ଭାଇ ମିତ?

ଭଙ୍ଗା ଛାଉଣୀକୁ ଫୁଙ୍ଗୁଳା ଦେହଟି
ମାରୁଅଛି ଆଖିଠାର,
ଶିଶିରରେ ସ୍ନାତା ପ୍ରଭାତ ସୁନ୍ଦରୀ
ପିନ୍ଧି ହୀରକର ହାର,
ହସ୍ତେ ଅର୍ଘ୍ୟଥାଳି ଧରି,
ପ୍ରାତଃ ବନ୍ଦାପନା ପାଇଁ ଅବନିକୁ
ଆସିଅଛି ଅବତରି।

ସୋରିଷ କ୍ଷେତରେ ଫୁଲର ରୋଶନି
ଦିଶେ କେଡେ ମନୋହର,
ଅନିଳର ତାଳେ ଅଳି ଖେଳେ ଦୋଳି
ବଂଶୀ ବଜାଏ ଭଅଁର,
ପ୍ରଜାପତିର ଶୋଭାରେ,
ସୌନ୍ଦର୍ଯ୍ୟ ମଣ୍ଡିତ ହୁଏ ଉପବନ
ଅପୂର୍ବ ବର୍ଣ୍ଣ ବିଭାରେ।

ବଡ଼ି ଅନ୍ଧାରରୁ ଚାଷୀଭାଇ ଉଠି
କ୍ଷେତକୁ ଯାଏ ଖୁସିରେ,
ସୁବର୍ଣ୍ଣ ଧାନରେ ପୁରିଉଠେ ଖଳା
ତା' ଭାବ କେ ବର୍ଣ୍ଣିପାରେ ?
ଧୂନି ଡାକେ ହାତ ଠାରି,
ମୋ' ପାଶେ ବସିଲେ ଶୀତରାଣୀ ପରା
ଲୁଚି ପଳାଇବ ଡରି।

କଟକ

# ସମୟ ସାଥେ

**ପ୍ରଜ୍ଞାସୁ ମହାନ୍ତି**

ସମୟ କାହିଁ ତୁ ଅବିରତ ଚାଲିଛୁ?,
ବିଶ୍ରାମ କଣ ଲୋଡ଼ା ନାହିଁ ତୋତେ?,
ନିଜକୁ ବଳୀୟାନ ଦେଖାଇବା ଛଡା,
ତୋର ବୋଧେ କାମ ନାହିଁ ସତେ।

ଆଖି ଦୁଇ ଚାହେଁ ଦେଖିବାକୁ
ବନାନୀର ଶ୍ୟାମଳିମା,
ହେଲେ ନଜରକୁ କାହିଁ ଆସେ
ପ୍ରଦୂଷଣର  କାଳିମା?

କାନ ମୋର ଚାହେଁ ଶୁଣିବାକୁ,
ସୁମଧୁର ସ୍ୱରର ରାଗିଣୀ,
ହେଲେ କାହିଁ ଶୁଭିଯାଏ ମୋତେ,
ଯନ୍ତ୍ରଣାର କରୁଣ କାହାଣୀ।
ଓଠ ମୋର ଚାହେଁ କହିବାକୁ,
ମନୋହର ମୃଦୁ ଭାଷ,
ହେଲେ ଖୋଲିଲେ ଓଠ ଆଜି,
କାହିଁ ହଜିଯାଏ ହସ?

ନାକ ମୋର ଚାହେଁ ଶୁଙ୍ଘିବାକୁ,
ସତେଜ ଓ ପବିତ୍ର ସୁଗନ୍ଧ,
ହେଲେ କାହିଁ ରୁନ୍ଧିଦିଏ ନାକ,
ଉତ୍କଟ ମଇଳାର ପୂତିଗନ୍ଧ।

ସମୟ ତୁ ଚାଲିଛୁ ଚାଲୁଥିବୁ,
ଭଲ ମନ୍ଦର ସ୍ୱାଦ ଚଖାଇ,
ତୋରି ଅନନ୍ତ ଗର୍ଭେ ସଭିଙ୍କୁ,
ଲୀନକରି ସ୍ମୃତି ସଜାଇ।

**ଝାରସୁଗୁଡ଼ା**

# ଅଦିନିଆ ବର୍ଷା



**ଡ଼ ମାଙ୍ଗଳିକା ମହାପାତ୍ର**

ବେଳେବେଳେ ଭାବେ
ଯଦି ଏ ବର୍ଷାରେ ତୁମେ
ମୋ' ପାଖରେ ଥାଆନ୍ତ...
ମିଶିକି ବର୍ଷାରେ ଭିଜିଥାନ୍ତେ
ମୌସୁମୀର ଭରପୁର ମଜା ନେଇଥାନ୍ତେ..

ଓଦା ଲୁଗାରେ ଘରକୁ ନ ଫେରି
ବାଟରେ ଲୁଗା ଶୁଖେଇଥାନ୍ତେ..
ନୀଳ ଆକାଶର ବାଦଲଭରା ମେଘକୁ
ମନଭରି ଉପଭୋଗ କରିଥାନ୍ତେ...

ପତ୍ରରୁ ଝରିପଡୁଥିବା ବିନ୍ଦୁବିନ୍ଦୁ ଜଳକୁ
ହାତ ପାପୁଲିରେ କୋଳେଇ ନେଇଥାନ୍ତେ
ଛତାର ଆବଶ୍ୟକତାକୁ
ମନେ ବି ପକେଇ ନଥାନ୍ତେ...

ସଦ୍ୟସ୍ନାତା ଘାସ ବୁଦାରେ
ଲାଲ୍ ଟୁକୁଟୁକୁ ସାଧବବୋହୂକୁ
ମନଦେଇ ଖୋଜିଥାଆନ୍ତେ....
ସତରେ କେତେ ମଜା ଲାଗିଥାନ୍ତା
ଯଦି ଏଇ ବର୍ଷାରେ କେବେ
ଆମର ଦେଖା ହେଇଥାଆନ୍ତା...

**ରେଭେନସା ବିଶ୍ୱବିଦ୍ୟାଳୟ,
କଟକ**

# ମୁଁ ସବୁ ଦେଖୁଛି

ସୌମେନ୍ଦ୍ର କୁମାର ଦାସ

ସେ କଣ କେବେ ଶୋଇପାରେ
ସେ ତ ସବୁବେଳେ ଜାଗ୍ରତ
କାଲି ବି ଥିଲା
ଆଜି ବି ଅଛି
ଆଉ...
କାଲି ବି ରହିବ
ଏ ଯିବା ଆସିବା
ଖାଲି ଗୋଟିଏ ପ୍ରହେଳିକା ମାତ୍ର
ତା ପାଇଁ ସବୁ ଯେଉଁ ବିନ୍ଦୁରେ ଶେଷ
ସେହି ବିନ୍ଦୁରେ ହିଁ ଆରମ୍ଭ
କାରଣ ସେ ତ ଚିରନ୍ତନ
ନା ସେ ବୁଢା ହୁଏ
ନା ସେ ହୁଏ ପୁରୁଣା
ସମସ୍ତଙ୍କ ପାଇଁ
ଏ ଗଣିତ ସମାନ ନୁହେଁ
ସମସ୍ତଙ୍କ ପାଇଁ
ମୃତ୍ୟୁ ନୁହେଁ ଶେଷ ପରିଣତି
ଆଉ ତା ପାଇଁ
ତା ପାଇଁ ତ ଆଦୌ ନୁହେଁ
ତା'ର ନବକଳେବର ହୁଏ
ଘଟ ପରିବର୍ତ୍ତନ ହୁଏ
ଯଦି ସେ ନ ରହିବ
ତେବେ ତ କଥା ସରିଲା
ଅଛିଣ୍ଡା ହେଇଯିବ
ସବୁ ଅଙ୍କ ସବୁ ଗଣିତ
କାରଣ
ସଂସାରରେ ଘଟୁଥିବା
ସବୁ ପ୍ରକାର
ଦୃଷ୍ଟ ଅଦୃଷ୍ଟ ଘଟଣାବଳୀର
ସେ ହିଁ ତ ଏକମାତ୍ର
ନିରପେକ୍ଷ ନିରାସକ୍ତ ସାକ୍ଷୀ
ଯିଏ ଅହରହ
ବଡ଼ ବଡ଼ ଆଖି କରି କହୁଛି
ମୁଁ ସବୁ ଦେଖୁଛି

ନାଇଜର୍ , ଜଟଣୀ, ଖୋର୍ଦ୍ଧା

# ଉଚ୍ଚ ନୀଚ



**ରାଜେଶ କୁମାର ମୁଣ୍ଡ**

ଉପରେ ଅଛି ବୋଲି ଆକାଶ
କେବେ ବି କହିନି ତ
ସେ ସବୁଠୁ ଉଚ୍ଚ,
ମାଟି ତଳେ ଅଛି ବୋଲି
କେବେ ଭାବିନି ତ
ସେ ସବୁଠୁ ନୀଚ ।
ଜନ୍ମରୁ ତ ସଭିଏଁ ସମାନ
ସେଇ ଗୋଟିଏ ବିନ୍ଦୁରୁ ଆଗତ ।
ହଁ, ପରେ ପରେ ନିଜ କର୍ମରେ
କିଏ ହେଇପାରେ ଉଚ୍ଚ ଅବା ନୀଚ ।

ତଥାପି ଫାଇଦା ତ ସଭିଏଁ ଚାହିଁବେ ।
କିନ୍ତୁ ଜାଣି ରଖିବା ଉଚିତ ଯେ
ବିଶାଳ ସମୁଦ୍ର ଅବା ବିସ୍ତୀର୍ଣ୍ଣ ମରୁଭୂମି
କେବେ ବି ମେଣ୍ଟାଇ ପାରିନି ତୃଷ୍ଣା ।

ଆସୁନ
ଲକ୍ଷେ ପଦ୍ମ ଅପେକ୍ଷା
ଗୋଟିଏ ଭଲ ଗୁଣ ତରାଶିବା
ବିଶାଳ ମରୁଭୂମିରୁ,
ଚେଷ୍ଟା କରିବା ଯେମିତି
ଗାଢ଼ ଅନ୍ଧାରରେ ବି ଚମକୁଥିବ
ବିଶ୍ୱାସର ତାରାଟିଏ ।
ଜରି ଗୋଟାଉଥିବା
ଟିକି ଛୁଆର ଶୁଷ୍କ ଆଖିରେ
ରୋପିଦେବା ଆଖିଏ ସ୍ୱପ୍ନ ।

ଆମକୁ ତ ଆଲୁଅ ଅନ୍ଧାର
ଉଭୟ ଦରକାର,
ଭୋକ ବି ଦରକାର
ଖାଦ୍ୟ ବି ଦରକାର ।

**ଧର୍ମଗଡ଼, କଳାହାଣ୍ଡି**

# ଅନ୍ତଃସ୍ୱର ରେବତୀର

## ସୁପ୍ତି କର

ମୁଁ, ମୁଁ ରେବତୀ
କେଉଁ ଏକ ମୁହୂର୍ତ୍ତରେ ଦଣ୍ଡଲିତା ଧରି
କିଏ କେ'ଜାଣି ସେଦିନ ମୋ' ଭାଗ୍ୟ ଲେଖିଥିଲା
ସମୟର ଅଗଣାରେ ଟାଣିଦେଇଥିଲା ଏକ ଏରୁଣ୍ଡି
ଜୀବନର ଛାଇ ଆଲୁଅ
ଆଶା ଆଶଙ୍କାର ଧସ୍ତାଧସ୍ତି
ଏରୁଣ୍ଡିର ଭିତର ପଟରେ ପୁଳାପୁଳା ଅନ୍ଧକାର
ଏରୁଣ୍ଡି ଡେଇଁଲେ ସୂର୍ଯ୍ୟସ୍ନାତ ରଶ୍ମିଧାର
ନୀଳ ଆକାଶ, ଉନ୍ମୁକ୍ତତାର ପରିଭାଷା
ଏରୁଣ୍ଡି ଭିତରେ ମୋ' ପାଇଁ ଶବ୍ଦଶର ଲୋ ରେବି,
ଲୋ ନିଆଁ, ଲୋ ଚୁଲି
ଏରୁଣ୍ଡି ଡେଇଁଲେ ହାତଠାରି ଡାକୁଥାଏ ବାସୁଭାଇ
ଚେତନାର ଚଉହଦୀ ଆତ୍ମାର ରାଗିଣୀ
ହେଲେ
ମୋ' ପାଇଁ ଏରୁଣ୍ଡି ଡେଇଁବା ମନା
ସେଇ ମୋର ସରହଦ ସୀମା ପରିସୀମା

ଦିନ ପ୍ରତିଦିନ ଏକ ଅନ୍ତହୀନ ଯାତ୍ରା
ଏରୁଣ୍ଡି ଡେଇଁଲେ ମୋ' ଇଚ୍ଛା, ପ୍ରଜ୍ଞା, ପ୍ରତ୍ୟାଶାର
ମୁଠାମୁଠା ସ୍ୱପ୍ନରାଜି
ଅନନ୍ତ ଆକାଶ ଆଶାର ଆଲୋକ ଜ୍ୟୋସ୍ନାୟିତ ରାତି
ମୁଁ ରେବତୀ ପ୍ରତୀକ୍ଷାରେ
କାଳର ଅଦୃଶ୍ୟ ଧାରାରେ
ସେ ମୁହୂର୍ତ୍ତ ଆସିବ ନିଶ୍ଚିତ
(ଯେବେ)
ଏରୁଣ୍ଡି ଏଡ଼ାଇ ମୁଁ ବ୍ୟାପ୍ତ ହେବି
ଭୂମିଠାରୁ ଭୂମା
ଭୋଗୁଥିବି ପରମପ୍ରାପ୍ତିକୁ ଅସୀମ ଶାନ୍ତିକୁ
ମୋର ଇଚ୍ଛିତ ମୁହୂର୍ତ୍ତ କୁ
ଭେଟୁଥିବି ଜୀବନଜ୍ୟୋତିକୁ
ପ୍ରଜାପତି ଡେଣା ନାଇ ଇନ୍ଦ୍ରଧନୁ ରଙ୍ଗେ ସାଜି
ରୂପାନ୍ତରିତ ହେଉଥିବି
ଇଚ୍ଛାମତୀ, ବେଗମତୀ, ଭାଗ୍ୟବତୀର ଅନିନ୍ଦ୍ୟ ରୂପକୁ

ଜେ ଏନ ଲେନ
ରାଉରକେଲା

# ଛାତି

## ସୁମିତା ବେହେରା

ଛାତି କଥା ହେଜିଲେ ହିଁ ମନେପଡେ
ଏକ ବିସ୍ତୀର୍ଣ୍ଣ ବେଳାଭୂମିର
ନୀରବ ମୌନ ହୁଙ୍କାର
ଦୁଃଖର ସୁନାମି ଲହଡି ଭାଙ୍ଗି
ଦଶଦିଶ ଭରିଦେଲା ବେଳେ
ଅବହେଳିତ ସ୍ୱପ୍ନ ର କାଚଘର
ଭାଙ୍ଗି ଚୁରମାର ହେଲା ବେଳେ
ଏଇ ଛାତି ହିଁ ପ୍ରାଚୀର ।

ବନ୍ଦୀ କଲାବେଳେ ଦୁଃଖକୁ
ସାଉଁଟି ଏକାନ୍ତରେ
ଜମାଟ ବାନ୍ଧିଥିବା ଲୁହକୁ ଲୁଚାଇ ଓଠରେ
ହସଫୁଲ ଫୁଟାଇବା ବେଳେ
ଆବେଗର ହତାଶାର ବ୍ୟର୍ଥତାର ଅପମାନର
ଧୂଆଁକୁ ଲୁଚାଇବାକୁ
ଏଇ ଛାତି ହିଁ ଅଭେଦ୍ୟ ଦୁର୍ଗ ।
ଛାତି ପ୍ରସରିଗଲେ ସାଗର
ହକ୍ ମାଗିଲେ ହତିଆର
ପଞ୍ଜରା ହାଡ଼ ଥରାଇ ଗର୍ଜନ କରିଛି
ପୁଣି ଅନୁରାଗରେ ସଂପ୍ରୀତି ରେ
ଛାତି ସଂଖୋଳି ନେଇଛି ।

ଚିରକାଳ ଛାତି ପାତିଦେଇଛି
ଅଲିଖିତ ଭାବେ କୋଳେଇ ନେବାକୁ
ଶତ ଅପବାଦର ଉଷ୍ମ ପ୍ରଶ୍ୱାସ
ଛାତି ହିଁ ସଜାଇ ରଖିଛି
ବିଦ୍ରୋହ ପର ବିଜୟର
ମୁଠାଏ ବିଶ୍ୱାସ ।

ଏଇ ଛାତି ଗୁଳି ଖାଇଛି
ମାଟି ପାଇଁ ରକ୍ତ ନିଗାଡ଼ିଛି
ଅମୃତମୟୀ ସାଜି
ଅମୃତର ଝର ବି ଦେଇଛି ।

ଆଲିଙ୍ଗନରେ ଦେଇଛି ସହୋଦରପଣ
ଅନାଚାରରେ ପ୍ରତିବାଦ କରି
ଛାଡିନାହିଁ ଟାଣପଣ ।

ଖୁବ୍ ଶକ୍ତ ଏ ଛାତି
ତଥାପି ସଂଭ୍ରମରେ ଚିରି ଦେଖାଇପାରେ
ତା' ଭିତରେ ସ୍ୱୟଂ ଆର୍ତ୍ତତ୍ରାଣଙ୍କ ଆସ୍ଥାନ ।

ବାରିପଦା, ମୟୂରଭଞ୍ଜ

# ଆଜିକା ଶୀତ

## ଜୁମର ନାଥ ପାତ୍ର

ସଟ୍ ଡାଉନ୍ ଲକ୍ ଡାଉନ୍ ସିଜନ୍ ପରେ
ହାଲକୁ ଶୀତଟା ଟିକେ ବଦଳିଛି
କିଛି ଉଷୁମ କିଛି ଜାଡ଼କୁ ନେଇ ଶୀତ ଉଭା ଏବେ
ସହରର କଳା ମଚମଚ ରୋଡ଼ରେ ଆଉ
ଗାଁର ମୋଟା କଂକ୍ରିଟ ରାସ୍ତାରେ
କାକର ପଡୁଥିବ କି ନା କେଜାଣି
ଜାଣୁଥିବେ ବଡ଼ି ଭୋରରୁ ସକାଳ ବୁଲାରେ
ନିରୋଗ ସକାଶେ ବୁଲୁଥିବା ମଣିଷମାନେ
ଧନିଆ ତ କହେ
ତା' ଚା' ଦୋକାନଟା ହଲଚଲ ହୁଏ
ଏମାନଙ୍କ ଟାହିଟାପରା ଗୋହୀଖୋଳାରେ
ଗରମ୍ ଚା' ଆଉ ସିଗାରେଟ ଧୂଆଁରେ
ଆଉ ପଲିଟିକ୍ସ...ହା ହା
ସେ ବି ଉଷୁମ ଅଦିନିଆ ଇଲେକ୍ସନରେ
ଏଇ ପହିଲି ଜାଡ଼ରେ
ରାଇଜର ଏମୁଣ୍ଡ ସେମୁଣ୍ଡ ଯାଏଁ...
କାଇଦା ବଦଳିଛି ଏବେ
ଯେଖା ସ୍କୁଲକୁ ଯେଖା ସ୍ୱେଟର ସ୍କାର୍ଫ
ଚଦରକୁ ଦେହରେ ଗୁଡ଼େଇ
ପଛପଟେ ଗଣ୍ଠି ପକେଇ ସ୍କୁଲ ଯିବାବେଳଟା
ଆଉ କାଁ ଅଛି ଯେ ଏବେ...
ନାଲିଆ ଚାହା ହେଲେ ଅଛି
ସେଦିନର ଗରିବର ଚାହାଟା ଆଜି
ବଡ଼ବଡ଼ିଆଙ୍କ ଅକ୍ତିଆରରେ ବୈଦ କଥାରେ
ଶୀତ କିନ୍ତୁ ଉଷୁମ ହୁଏ ଫାଷ୍ଟଫୁଡ୍ ଷ୍ଟଲରେ
ଆଉ ଉଭେଇଯାଏ
ରଙ୍ଗୀନ ଲାଇଟ୍ ତଳେ ରଙ୍ଗପାଣିରେ
ମଗୁଶିର ଗୁରୁବାରରେ ଶୀତ ଛୁଏଁ ନା
ସହର କି ଗାଁ ଭୁଆସୁଣୀଙ୍କୁ
କାବୁଲି ଚାଟା ସିଲେଇ କରିଚାଲିଛି
ବାବୁଙ୍କ ଫଟା କୋଟ୍ ଛୁଆଙ୍କ ଚିରାଟୋପି
ଗଞ୍ଜିଟେରେ ଢାଙ୍କି ତା' ହାଡୁଆ ଛାତିକୁ
ସେ ଯେମିତି କହେ
ତମମାନଙ୍କୁ ଶୀତ ବୋଲି ମୋ' ପେଟ ପୁରୁଛି
ଏମିତି ଫି ସନ ଶୀତ ତମକୁ ଜାବୁଡ଼ିଥାଉ...
ଟ୍ରେନ୍ ଆଉ ଫ୍ଲାଇଟ ଆଗରୁ ରିଜର୍ଭ
ରିପୋର୍ଟ, ହୋଟେଲ ବୁକ୍
ୟା'ର ପା ଅନ୍ୟ ନାଁ ପିକନିକ ସିଜନ୍
ଏସନ ଶୀତଟା ଭଲ ଶୀତଟିଏ
କିଏ ଶୀତରେ ଶୀତଉଛି ତ
କିଏ ଶୀତରେ ଉଷୁମ ହେଉଛି ଆଉ
କା'କୁ ଶୀତ ହିଁ ନାହିଁ
ସତରେ ଶୀତଟା ବଦଳିଛି
ଶୀତ ଶୀତ ଲାଗୁଛି ତ...

**ବାଲେଶ୍ୱର**

# କିମ୍ପାଇଁ ଏ ଦୁର୍ଦ୍ଦଶା ମୋହର ?

ଅମ୍ବୁଜା ମହାନ୍ତି

ଅଜଣା ଏ ରାସ୍ତା ଆଉ ଅସୀମ ଅନ୍ଧାର
ଡରାଇ ପାରେନି ମୋତେ ମୁଁ ତ ମୃତ୍ୟୁମୁଁଖୀ
ରକ୍ତାକ୍ତ ଶରୀର ମୋର ଶାୟିତ ଧରାରେ
ଆଉ ନୂଆ ପରିଚୟ ଆଜି ମୁଁ ଧର୍ଷିତା !

ବାଟ ଚାହିଁଥିବେ ମୋର ପିଅର ମୋ' ଘରେ
ବୁଲିଯିବୁଁ ଆମେ ନୂଆ ସହର ମୁଁ ଗଲେ
ଖୁସିରେ ଅତ୍ୟନ୍ତ ଥିଲା ଜୀବନ ମୋହର
ହେଲେ କଲ କିମ୍ପାଇଁ ଏ ଦୁର୍ଦ୍ଦଶା  ଘୋର ?

ମନୁଷ୍ୟ ଆମେ ତ ସର୍ବ ଜୀବ ମଧ୍ୟେ ଶ୍ରେଷ୍ଠ
ଯା'ର ପୁତ୍ର ଥିବ ତୁମେ ପିତାର ବି ଗର୍ବ
ହେଲେ ଦେଖି କାହାର ଦୁଲାଳୀ ପୁଷ୍ପଟିକୁ
ତୁମେ ତ କରିଲ ତାକୁ ବାସନା ସାମଗ୍ରୀ !

ଅଜଣା ଜାଗାରେ ଆଜି ଲୋଟିଛି ମୁଁ ଏଠି
ବଞ୍ଚିବାର ପାଇଁ ଶତ ସଂଗ୍ରାମ କରଇଁ
ତୁମେ ଏବେ ମଦ ମାଂସ ଖାଇ ମହାନନ୍ଦେ
ବୁଲୁଥିବ ଭଦ୍ର ମୁଖା ଲଗାଇ ନର୍ବିଘ୍ନେ !

କାନ୍ଦିବେ ମୋ' ପିତା ମାତା ଆକୁଳ ପରାଣେ
ଦେଖି ମୋ' ଲହୁରେ ଭିଜା ବସନ ସର୍ବସ୍ୱ
ଥିଲା ମୋ' ଜୀବନେ କେତେ ଆଶା ଉଦ୍ଦିପନା
ଭାଙ୍ଗିଦେଲ ଝଡ଼ରୂପେ ଆସି ସହସା ଯେ !

ଧାରଣ କରିଥିଲି ମୁଁ ସମ୍ପୂର୍ଣ୍ଣ ବସନ
ସମାଜ କହିବ ନାହିଁ  ଥିଲି ଅର୍ଦ୍ଧନଗ୍ନ
ସାହାଯ୍ୟ ମାଗିବା ସତେ ଥିଲା କି ମୋ' ଭୁଲ
ହେଲେ ତୁମେ ଠିକ ଥିଲ ନିଶାରେ ମଦାନ୍ଧ ।

ଖିନଭିନ ଶରୀରର ସାକ୍ଷୀ ସେହି ଯାନ
ସିଏ ହିଁ କହିବ ତୁମେ ଥିଲ ବେଇମାନ
ଜଣେ ନୁହେଁ ବହୁ ଶୃଗାଳର କାମୁଡ଼ାରେ
ପିଡାରେ ଫାଟି ପଡଇ ଅଙ୍ଗ ଅବୟବ !

ଫିଙ୍ଗିଲ ବୁଝାଇ ଅଗ୍ନି ତୁମ କାମନାର
କେଉଁଠି ପଡ଼ିଛି ମୁହିଁ ସେ ବି ଅଗୋଚର
ବିକଳ କ୍ରନ୍ଦନ ମୋର କାହାକୁ ନ ଶୁଭେ
ଦେହ ସଙ୍ଗ ଦମ୍ଭ କ୍ରମେ ଅବଶ ହୁଅଇ ।

ଓଠ ଖୋଜେ ମୋର ଏବେ ନିର୍ମାଲ୍ୟ ଜଳକୁ
ମୃତ୍ୟୁର ଆଗମନୀର ଦେଲାଣି ସନ୍ଦେଶ
ଚକ୍ଷୁ ଅର୍ଦ୍ଧନିମିଳିତ ପ୍ରାଣ ହେବ ହେବ ଶେଷ
ଦେଖିବାକୁ ପ୍ରିୟଜନେ ରହିଲା ଅବଶୋଷ !

ଦମିନୀର ପରି ଊର୍ଦ୍ଧ୍ୱ ପଡିଛି ଭୂମିରେ
ଶୁଣ ଅତ୍ୟାଚାରୀ ଦଳ ମୋର ନିଜ ବଳେ
ମରିଥାଇ ଏହି ରୂପେ ନିସ୍ତାର ଦେବିନି
ଏ ଘଟନା ଚେତାଇବ ସବୁ କନ୍ୟା ରକ୍ତେ !

ଆଉ ଅଭିଶାପ ମୋର ଅସ୍ପଷ୍ଟ ଗଳାରେ
ମରିବରେ ତିଳେ ତିଳେ ଜୀବନ ତୁମର
ଘୃଣିତ ଲାଂଛିତ ହୋଇ ତୁମ ପରିବାର
ରହିବେ ତୁମ କୁକର୍ମେ ହୀନମନ୍ୟ ହୋଇ !

# ସ୍ୱପ୍ନ ଭଙ୍ଗ

ଡ. ଆରତି ପଟ୍ଟଯୋଷି

ସତ କହୁଚି ମୁଁ ଭୁଲି ଯାଇଥିଲି
ଏଇ କିଛି ଦିନ ହେଲା
ମୁଁ ନାରୀଟିଏ,
ସର୍ବୋପରି ସ୍ତ୍ରୀ ଟିଏ,
ବୋହୂଟିଏ  ପୁଣି ମାଆଟିଏ
 ମୋତେ ସ୍ୱପ୍ନ ଦେଖିବା ମନା ,
ମୋ' ପାଇଁ ନିଷିଦ୍ଧ ପରା
ନିଜ ରୁଚି ଇଛା ଆଉ ଯେତେ ସମ୍ଭାବନା ।

ଆଜି କାହିଁ ଭୁଲରେ ଖୋଲିଦେଲି
ଜୀବନର ମାନସାଙ୍କ ମେଲି
ସତେ ଅବା ଲୀଳାବତୀ
ନିଜେ ବନିଗଲି!
କେତେ କଥା ଭାବିଥିଲି ,
ଇନ୍ଦ୍ରଧନୁ ହାତ ପାହାନ୍ତାରେ ପାଇ
କେତେ ଖୁସି ହେଇ ମୁଁ ନଥିଲି !

ସବୁ ତୁଛା ଅହଂକାର ବୃଥା ଆସ୍ଫାଳନ,
ସବୁ ହେଲା ଚୁର୍ ମାର୍ ଅଳିକ ସପନ ।
ଧନ୍ୟବାଦ ବନ୍ଧୁ,
ପୁଣି ମତେ ଚେତାଇଲ,
ମୁଁ ନାରୀଟିଏ ବୋଲି
କହି ମୁଁ ରଖୁଛି ଆଜି
ସ୍ୱପ୍ନ ଦେଖିବାକୁ
ଆଉ କେବେ କରିବିନି ମନ ।

# ଲାଜ



ଶୈଳେନ୍ଦ୍ର ନାରାୟଣ ବେହେରା

ଲାଜ ଲାଜ ହୁଏ ଗ୍ରାମ୍ୟ କିଶୋରୀ
ଭିଜି ଭିଜି ଫେନୀଳ ଜୋଛନାରେ
ଲାଜ ଲାଜ ହୁଏ କୂଳବଧୂ ପରା
ପ୍ରୀତିର ସନ୍ତକ ଧରି ଗର୍ଭରେ।

ଲାଜେ ସରିଯାଏ ପ୍ରିୟ ଚାହାଣିରେ
ଲାଜେ ପୁଣି ସେ ହସିଦିଏ,
ଉଷୁମ ବେପଥୁର ଆଲିଙ୍ଗନରେ
ଲାଜେ ନିଜକୁ ଖୋଲିଦିଏ।

ଲାଜ ଲାଜ ହୋଇ କହି ବସେ ସିଏ
ଅତୀତର ସବୁ ଅନୁଭୂତି,
ଲାଜେ ଭାସିଯାଏ ପ୍ରଣୟୀର ସ୍ପର୍ଶେ
ଲାଜେ ଗାଉଥାଏ ମଧୁଗୀତି।

ଲାଜେ ଚାହିଁଥାଏ ଜହ୍ନକୁ  କାହିଁ ଯେ
କିଛି ବୁଝି ହୁଏ ନାହିଁ,
ଲାଜ ଯେ ତାହାର ଭୂଷଣ ଅଟଇ
ଲାଜ ବିନା ନାରୀ କାହିଁ!!!!

# ଲିଭୁନଥିବା ଦାଗ

ପ୍ରିୟଙ୍କା ପ୍ରିୟଦର୍ଶନୀ ରାୟ



ମୁଁ ଆଜି ବି ରହିଗଲି ଦ୍ୱନ୍ଦରେ
ନୂଆ ବର୍ଷରେ ନୂଆ କ୍ୟାଲେଣ୍ଡର
ବଦଳେ ନା ସବୁକିଛି
ନୂତନତାର ସ୍ୱର୍ଶ ପାଏ !

ସମ୍ପର୍କ ସବୁ ଜୀବନ୍ୟାସ ପାଏ
ନା ତିଳ ତିଳ ହେଇ
ନିଆଁରେ ଜଳି ପାଉଁଶ ହୁଏ,
ଜାନୁଆରୀରୁ ଡିସେମ୍ବର
ନୂଆରୁ ପୁରୁଣା ଆଉ ପୁରୁଣାରୁ ନୂଆ
ଏସବୁରେ ସ୍ଥିରତା ଥାଏ ବୋଲି
ମନେ ହୁଏ କି ?

ସେଦିନ ବି ସମୟ ପ୍ରଶ୍ନ କରିଥିଲା,
କିଏ ଯେ ତୋ' ନିଜର ?
ମୁଁ ଆଖିର ଲୁହକୁ ପୋଛି ଦେଇ
ମିଛରେ ହସି କହିଥିଲି,
ତୁ ହିଁ ଏକା ମୋର |

ଆଖିରେ ଅସୁମାରୀ ସ୍ୱପ୍ନ ଥିଲା
କିନ୍ତୁ ଏବେ ଅପ୍ରିୟ ବାସ୍ତବତା
ଭିତରେ ନିଜକୁ ଗଢି ତୋଳିବାର
ନୂଆ କଳାକୁ ଶିଖିଲି,
ବୁଝିଲି ଆଉ ଭୋଗିଲି !

ସହରର ଷ୍ଟ୍ରିଟ୍ ଲାଇଟ ଆଉ ଗାଁର
ସେ ସୁକୁମାରୀ ଜହ୍ନ ଭିତରେ
ଫରକ ଜାଣିଲି,
କୁହା-ଅକୁହା ଫର୍ଦ୍ଦ ସବୁ
ଜୀବନ କାନଭାସରେ
ଗଣ୍ଠି ପକେଇ ସାଇତିଲି |

ବର୍ଷ ସିନା ସରିଗଲା
ହେଲେ, ରହିଗଲା ଦାଗ
ଅବୁଝା ରହିଲା ଜୀବନ ସମୀକରଣ
ଅନିଚ୍ଛା ସତ୍ତ୍ୱେ ପଡିଲା ପୂର୍ଣ୍ଣଚ୍ଛେଦ
ନୂଆ ଶିକ୍ଷା ଦେବା ବର୍ଷ ତାଲିକାର
ଶୀର୍ଷରେ ରହିଗଲା ୨୦୨୨ |

ଫେରେଇଦେ ତୁ ସେ ମୁହୂର୍ତ୍ତମାନ
ଅତୀତ ନହେଉ ମୋ' ସୁନାର ସ୍ୱପ୍ନ
ସେ ସବୁବେଳେ ଝଟକୁଥାଉ ସୁନ୍ଦର
ବର୍ତ୍ତମାନଟିଏ ହୋଇ... !

ଯାଜପୁର

# ଅନୁଭବେ, ତୁମେ

**ରାଜଗୁରୁ ସିଥ**

ମୁଁ ବୁଝିଛି ତୁମ ନିରବତାକୁ
ଛାତି ତଳର ସେ ଅକୁହା କଥାକୁ,
ମୁଁ ବୁଝିଛି ତୁମ ଲୁହର ମୂଳକୁ
ନାଲି ଓଠେ ସେ ଖିଲିଖିଲି ହସକୁ ||

ସବୁ ବୁଝିବା ନ ବୁଝିବାର ଭିଡ଼ ଭିତରେ
କିଛି ଅବୁଝା ଏମିତି ;

ବୁଝିପାରେନା ତୁମର ଅଜବ ଯୁକ୍ତିକୁ
ମିଛି ମିଛିକା ରାଗ ଅଭିମାନକୁ
ବୁଝିପାରେନା ତୁମ ନିଃସର୍ତ୍ତ ସ୍ୱୀକାରୋକ୍ତିକୁ
ଛୋଟ କଥାରେ ଜିଦ୍ ଧରି ବସିବାକୁ ||

ଜାଣେନା ଏବୁଝା ଗଣିତର ଭାଗଫଳ
କେତେବେଳେ ବୁଝା ପଡ଼ିବ କିନ୍ତୁ ମୁଁ କହିପାରେ ;

ମୁଁ ନପଢି କହିପାରେ ତୁମ ମନର ଭାବନାକୁ
ନ କହି କହିବାକୁ ଚାହୁଁଥିବା କଥାକୁ
ମୁଁ ନ ଦେଖି କହିପାରେ ତୁମ ଡ୍ରେସ ରଂଗକୁ
ସଜାଡ଼ିପାରେ ବିନା ସ୍ପର୍ଶେ ଅସଜଡ଼ା ଆଭୂଷଣକୁ ||

ସବୁ ଜାଣି ନଜାଣିବା ଭିତରେ କିଛି ଜାଣି ନଜାଣିବାର
ମିଛି ମିଛିକା ଅଭିନୟ ଯେମିତି ;

ମୁଁ ବୁଝିପାରେ ତୁମ ଖୁସି ପଛର ରହସ୍ୟକୁ
ମୋତେ ନେଇ ଦେଖୁଥିବା ଜହ୍ନରାତିର ସ୍ୱପ୍ନକୁ
ପାଦରେ ପାଦ ଆଉ ହାତ ସହିତ ହାତକୁ ମିଶାଇ
ସାରାଜୀବନ ମୋ' ସହ ସାଥୀ ରହିବାକୁ ||

ସେହି ଅବୁଝା ଅକୁହା ଭିତରେ
କିଛି ଅନୁଭବ ବି ଏମିତି ଯେମିତି ;

ତୁମେ ଅଛ ବୋଲି ମୁଁ ଅଛି
ତୁମ ପାଇଁ ନିତି ମୁଁ ନୂଆ କରି ଜିଇଁ ଉଠୁଛି
ତୁମେ ହସୁଛ ବୋଲି ତ ମୋ ଓଠ ଧାରର ଶବ୍ଦ ସବୁ
ସଫେଦ୍ କାଗଜରେ ଉତୁରି ପଡୁଛି
ତୁମେ ଅଛ ବୋଲି ଏ ସକାଳଟା ବି
ମୋ ପାଇଁ ନୂଆ ଆଶା ନେଇ ଆସୁଛି
ଜୀବନ ଇତିହାସେ ପ୍ରତିଦିନ
ନୂତନତାର ରଂଗ ମାଖି ଚାଲିଛି ||

ଫତେପୁର, ଖଇରା, ବାଲେଶ୍ୱର

# କବର

**ଦୀପକ ରଞ୍ଜନ ଗ୍ରହାଚାର୍ଯ୍ୟ**

ବର୍ଷ ସାରା ନିସ୍ତବ୍ଧ ନିଦରେ
ଶ୍ମଶାନର ଶୂନ୍ୟତା ସହ
ତାଳ ଦେଇ
ଶୋଇଛି ମୁଁ କବର ଭିତରେ ।।

ଶୁଆଇ ଦେଇ ଗଲ ମୋତେ
ସେଦିନ ଅଝଟ ଅପରାହ୍ନରେ
ଥରଥର ତୁମ
ଶିରାଳ ହାତରୁ
ଦୁଇ ମୁଠା ମାଟି ପାଇ
ମୁଁ ବି ତୃପ୍ତ ସେହି ଦିନୁଁ
ଶୋଇ ଅଛି ତମସାର ତଲ୍ଲିନ ଶେଯରେ ।।

ମୃତକଙ୍କର ଯାତ୍ରା କଲି
ପରଲୋକରେ ହେଲି ପରପାରି
ହୃଦୟର ଦେହଳୀ ଡେଇଁ,
ଅନ୍ଧାରକୁ ଡରୁ ଥିଲେ ବି
ସେଦିନ ଦିହୁଡ଼ି ଦରକାର ନଥିଲା
ନିଜକୁ ନିଜେ ଗଲି ଅପସରି ।।

ତୁମର ମୋ' କଥା
କେତେ ମନେ ପଡେ
ମୁଁ ଜାଣିନି ସେକଥା
ମୁଁ ଜାଣେ ତୁମେ ଆସିବ ନିଶ୍ଚୟ
ମୋ' କବର ପାଖକୁ
ମୋ' ଦିନାଦିରେ
ଗୋଲାପ ଫୁଲର ପ୍ରତ୍ୟାଶାରେ
ଏବେ ବି  ମୁଁ ଗାଉଛି ପ୍ରତୀକ୍ଷା ।।

ମୋ' କବର ଉପରେ
ପ୍ରତିବର୍ଷ ପରି
ତୁମେ ବି ଏଥର
ହାତ ସାଉଁଳିବ
ଶୁଖିଲା ପତ୍ରକୁ ଏଡାଇ ଏଡାଇ
ପୁଣି ଲୁହ ଭିଜାଇବ,
ଆଣିଥିବା ରକ୍ତ ଗୋଲାପକୁ
ତୁମରି ହାତରୁ
ଆପଣେଇବାକୁ ପୁଣି ଇଚ୍ଛା ହୁଏ,
ଶୁନ୍ୟରୁ ଦେବି କି ସତେ ହାତ ମୁଁ ବଢାଇ ।।

# ମଣିମା ସାଆନ୍ତ, ମାନନୀୟେଷୁ

ଜିତେନ୍ଦ୍ର ଜଗଦେବ



ସାଆନ୍ତ ପଣରେ କେହି ସରିନୁହେଁ
ତୁମେ ହିଁ ଜଗତ ନାଥ,
କି' ସାଆନ୍ତ ପୁଣି, ତୁମେ ଥାଉ ଥାଉ
ଆମେ ହେଲୁ ଯେ ଅନାଥ ।।

ଦାତା ପଣେ ତୁମେ, ଦୟା ତ କରିଛ
ମୁଁ ଆଜି ଶ୍ରୀକ୍ଷେତ୍ରବାସୀ
ସ୍ଥିତବସ୍ଥା ଥାଇ  ସ୍ଥିତିବାନ ନାହିଁ
ଆମେ ଏଠି ପରବାସୀ ।।

କି ଭଲ ସେ ଥିଲା, ଚାରି ଦ୍ୱାର ଖୋଲା
ସ୍ୱଚ୍ଛନ୍ଦରେ ଚଳୁଥିଲୁ,
ଆମକୁ ବାରଣ ରଥଚଢ଼ା ପୁଣି
ଖୁଆଡ଼ରେ ପୁରାଇଲୁ ।।

ଧୀରେ ଧୀରେ ପ୍ରଭୁ ଦୂର କରିଦେଇ
କି ଦୋଷେ ଦଣ୍ଡ ଦଉଛ,
କଳ୍କୀ ଅବତାରେ ମନ କି ହେଲାଣି
ଏବେ ସଜେଇ ହଉଛ ।।

ଦ୍ୱାପରେ ଦ୍ୱାରକା ବୁଡାଇଲ ଯେବେ
ସେ ଯୁଗର ଶେଷ କଲ,
ଏ ଯୁଗେ ପୁଣି କି ! ବୁଡ଼ାଇବ ପୁରୀ
ହେବୁ ଆମେ କଲବଲ ।।

ଏବେ ଆଜ୍ଞା ହେଉ, ଆହେ ମହାବାହୁ
ସୁଗମ ହେଉ ଜୀବନ,
କୋଷ ଦୂରେ ଥାଉ, ଜୀବନେ ଦୁର୍ଦ୍ଦିନ
ତୁମ ପଦେ ରହୁ ମନ ।।

ଦଉତୋଟା
ପୁରୀ

## ନୂଆ ସକାଳ



**ଯମେଶ୍ୱର କହଲସିଂହ**

ରୂପେ ରଙ୍ଗ ମାଖି
ତେଇଶ ଆସିଛି
ଅନ୍ଧକାର ବୁକୁ ଚିରି,
ପ୍ରାଚୀ ଦିଗ୍ ବଳୟେ
ସୁନେଲି ସୁରୁଜ
ମୁରୁଜ ପଡିଛି ଝରି ।। ୦ ।।

ସଜ ସକାଳର
ମାହେନ୍ଦ୍ର ବେଳାରେ
ସଭିଏଁ ଚଳଚଞ୍ଚଳ
ନୂଆନୂଆ ଦିଶେ
ନୂଆ ବରଷରେ
ଗାଆଁ ଦାଣ୍ଡ ନଈକୂଳ,
ନୂଆ ବୋହୂଟିଏ
ଆସିଛି ସତେକି
ଯାନି ଯଉତୁକ ଧରି ।। ୧ ।।

ପୁରୁଣା କନିଆଁ
ବିଦାୟ ବେଳାରେ
ଆଖିଲୁହେ ଛଳଛଳ
ଚା' କପ୍ ରେ
ଚୁମାଟିଏ ଦେଇ
ହସୁଛି ନୂଆ ସକାଳ,
ଦୁଃଖୀ ମଣିଷକୁ
ସୁଖ ବାଣ୍ଟିବାକୁ
ମନରେ ସରାଗ ଭରି ।। ୨ ।।

**ଲୋକିପୁର**
**ଗଡମାଣତୀର, ଖୋର୍ଦ୍ଧା**

## ଗୀତି କବିତା



**ବାସନ୍ତୀ ଦାସ**

ପ୍ରଥମ ଦେଖାରେ ନଜର ପକାଇ
ତୁମେ ମତେ ଭଲ ପାଇଚ
ଏବେ କାହାର ପରଶ ପାଇ
ମୋ' ପ୍ରେମକୁ ଭୁଲି ଯାଉଛ ।୦।

ତୁମେତ ମତେ ଶିଖାଇଥିଲ
କେମିତି ଭଲ ପାଇବା
ଏବେ କହୁଚ ଏମିତି ଆମେ
ଦୂରେଇ ହୋଇ ରହିବା
ସେଇ ସେନେହ ସେଇ ମିଳନ
ଏବେକି ପାଶୋରି ଦେଇଛ ।୧।

ସାଗର ବେଳାରେ କେତେ ବୁଲିବୁଲି
ଢେଉମାଳା ଗଣୁଥିଲ
ଜୋଛନା ରାତିରେ ମୃଦୁ ପବନରେ
ଜାଗୁଥିଲା ଶିହରଣ
ଆକାଶରେ ଥିବା ତାରକା ମାନଙ୍କୁ
ଏକ୍ ଦୁଇ କରି ଗଣିଛ ।୨।

ଆଜି ଯଦି ତୁମେ ଦୂରେଇ ଯାଉଛ
ମୁଁ ରହିବି ପଥଚାହିଁ
ଆର ଜନ୍ମପାଇଁ ସେଇ ସ୍ମୃତି ନେଇ
ତୁମକୁ ଭେଟିବା ପାଇଁ
ହସିଉଠୁ ତୁମ ଆଗାମୀ ଜୀବନ
ଯୋଉଠି ବି ତୁମେ ରହୁଚ ।୩।

**ସମ୍ପାଦିକା - ଶିଳାଶ୍ରୀ**
**ଭୀମଟାଙ୍ଗୀ, ଭୁବନେଶ୍ୱର**

## ଶିମିଳିପାଳ

**ମନୋଜ କୁମାର ବେହେରା**

ସୂର୍ଯ୍ୟୋଦୟ ରଙ୍ଗରେ ରଙ୍ଗାୟିତ
ମୋ' ଶିମିଳିପାଳ
ତୋତେ ଦେଖିଦେଲେ
ଅମାପ ଆନନ୍ଦରେ ଚହଲିଯାଏ ଛାତି ।
ମୁଁ ତୋତେ ବାରମ୍ବାର ଦେଖେ,
ସୂର୍ଯ୍ୟର କିରଣ ବିଞ୍ଚିଦେଇ
ଗେରୁଆ କରିଦିଏ ମାଟି ।
ସତେ କି ମୋ' ଶିମିଳିପାଳ
ଗୋଟେ ରଙ୍ଗିନ ପ୍ରଜାପତି
ଖୁବ୍ ଫର୍ଚ୍ଚା ଲାଗେ ମନ
ତା' ଫୁଙ୍ଗୁଳା ଦେହ ଦେଖିଲେ
ଲାଗେ ଅବା କାରୁଣ୍ୟର କଥା ଶୁଣାଏ ।
ଶିମିଳିପାଳ ମୋତେ
ବସି ଶୁଣାଏ ତା' ଇତିହାସ ।

**ବାରିପଦା**
**ମୟୁରଭଞ୍ଜ**

## ତୁ' ମନେ ପଡୁଚୁ

**ବିପ୍ଳବ**



ମୋ' ଠାରୁ ମୋତେ
ଦେଇଥିଲି ତୋତେ
ଭଲ ପାଏ ବୋଲି ବେଶୀ
ଫୁଲ ଦେଇପାରେ
କଣ୍ଟାର ଆଘାତ
କହିଲୁ ଜୀବନେ ଆସି ।
ମନ ନୁହେଁ ମୋର
ମାଟିର ସିଲଟ
ପ୍ରେମ ନୁହେଁ ବର୍ଣ୍ଣମାଳା
ଭୁଲିଯାଅ ମୋତେ
ପଦେ କଥା ତୋ'ର
ଜାଳିବା ଜୀବନ ସାରା ।

**ମକୁନ୍ଦପୁର**
**ବାଙ୍କୀ, କଟକ**

# ପୁରୁଣା ଥିଲାକି ନୂଆ ବରଷ

ଡ. ଚପଳା ପଣ୍ଡା



ନୂଆ ବରଷେ ପାଚିଲା କେଶ
ହୋଇଯାଏ କି କଳା,
କାଲ ଆଗରେ ଫରକ୍ ପଡ଼େ
ଚୋବାଉଥିଲେ ମୂଳା ।
ନୂଆ ବରଷ ନୂଆ ବରଷ
ପଡୁଛି କିଆଁ ହୁରି,
ଲୁହରେ ଭିଜା ଅତୀତ ପୃଷ୍ଠା
ଯାଉଛି ସିନା ଚିରି ।
ଫାଟୁଆ ପାଦେ କଅଁଳ ଚମ
ଲେସି ହେଉନି ଯାହା,
କହୁନି କେହି ବୁଝୁନି କେହି
ବାଡ଼ି ଦେବାକୁ ଆହା ।
ଦାଦନ ଖଟି ଯୁବକ ପ୍ରାଣ
ଖାଏ କୋରଡ଼ା ମାଡ଼,
କରୋନା ପରା ଭାଙ୍ଗି ଦେଇଛି
କେତେ ଯେ ମେରୁ ହାଡ଼ ।
ଧଳା ଜହର ଖାଉଛି ଯିଏ
ମୁଣ୍ଡ ନୁଆଇଁ ବସେ,
ଜରାଶ୍ରମରେ ପେଜୁଆ ଆଖି
କାତରେ ଯାହା ଦିଶେ ।

ପାକୁଆ ପାଟି ଶୁଖିଲା ଓଠ
ହସୁନି କିଆଁ ଆଉ,
ରାସନ୍ ଧାରୀ ହାତ ପତେଇ
ମାଗେ ମାଗଣା ଭାଉ ।
ଯୁଦ୍ଧର ତୋପ ପକାଏ ଥୋପ
ସିଝେ ନିରୀହ ପ୍ରାଣ,
ମାଟି ହାମୁଡ଼ି ଭାଟିରେ ଶୁଏ
ଛାଡ଼େ ଜୀବନ ଧନ ।
ଏତେ ଦୁଃଖକୁ ସହିଛି ଯିଏ
ତାକୁ ପଚାର ଯାଇ,
ନୂଆ ବରଷ ବୁଝାଇ ଦେବ
କୋହରେ ଫର୍ଦ୍ଦ ଥୋଇ ।
ଦୁଃଖକୁ ଦେଖ ଆଞ୍ଜୁଳା ପାତି
ଦୁଃଖୀ ଜନଙ୍କ ପାଇଁ,
ନୂଆ ବରଷେ ପ୍ରଭୁଙ୍କ ପାଶେ
ବିନତି ଟିକେ ଥୋଇ ।
ପୁରୁଣା ଥିଲାକି ବରଷ ମାସ
ନୂଆ ବରଷ ହେଲା,
ଯେଉଁଠି ଅଛୁ ସେଇଠି ଥାଆ
କାଲି ନ ଥିବୁ ପରା ।

ଖୋର୍ଦ୍ଧା

# ଆମେ ସବୁ କଳିକା

**ବ୍ରଜେଶ୍ୱରୀ ସିଂହ**

ଛୋଟଛୋଟ ଶିଶୁ ଆମେ
ଏ ମାଟିର କଳିକା
ଭଲ କାମ କରିବୁରେ
ହୋଇ ଆମେ ତାରକା !
ଅଜ୍ଞାନକୁ ଦୂରକରି
ଜ୍ଞାନଦୀପ ଜାଳିବୁ
ମନ ଦେଇ ପାଠ ପଢି
ଭଲ ପିଲା ହୋଇବୁ !
ଭେଦଭାବ ଦୂରକରି
ସ୍ନେହ ଶ୍ରଦ୍ଧା ବାଣ୍ଟିବୁ
ଦୁଃଖି ଦରିଦ୍ରଙ୍କ ସେବା
ନିତୀ ଆମେ କରିବୁ !
ଫୁଲ ପରି ଚଉଦିଗ
ବାସନାରେ ଭରିବୁ
ଅନ୍ଧ ବିଶ୍ୱାସକୁ ତେଜି
ଜ୍ଞାନ ଦୀପ ଜାଳିବୁ !
ଦେଶର ପ୍ରଗତି ପାଇଁ
ସଇନିକ ସାଜିବୁ
ଅଇରିକୁ ନାଶ କରି
ଦେଶ ରକ୍ଷା କରିବୁ

ସଂପାଦିକା " ବଉଳଫୁଲ "
ସା- ଭଟିଆ, ପୋ-ଯାଜପୁର ରୋଡ

# କବିତା ଗୋ-୩

**ତ୍ରିଲୋଚନ ଦାସ**



କବିତା ଗୋ ତମେ ଦୂର ଗାଆଁରେ ମୋ'
ନୁଆଁଣିଆ ଚାଳଘର
ସେଇ ଚାଳଘରେ ମୋ' ବୋଉ ଛାତିରେ
ଶରଧାର ପାରାବାର ।୦।

କବିତା ଗୋ ତମେ ବାପାଙ୍କ ଆକଟ,
ଅନୁଶାସନର ଛବି
ଆକାଶଠାରୁ ଯେ ଆହୁରି ବିଶାଳ
ଯା' ଶକ୍ତି ହୁଏନା ଭାବି

କବିତା ଗୋ ତମେ ଶିହରଣ ଭରା
ସ୍ମୃତି ସବୁ ସେଦିନର
କବିତା ଗୋ ତମେ ଦୂର ଗାଆଁରେ ମୋ'
ନୁଆଁଣିଆ ଚାଳଘର ।୧।

କବିତା ଗୋ ତମେ ସେଇ ଚାଳଘରେ
ଅନ୍ତରଙ୍ଗତାର ମୋହ
ବୋଉ ପଣତରେ କେତେ ନିବିଡ଼ତା
ମୁଠାମୁଠା ମିଠା ସ୍ନେହ

କବିତା ଗୋ ତମେ ମାଟି ଅଗଣାରେ
ଜୀବନର ସାତସ୍ୱର
କବିତା ଗୋ ତମେ ଦୂର ଗାଆଁରେ ମୋ'
ନୁଆଁଣିଆ ଚାଳଘର ।୨।

ଶ୍ରୀବିହାର, ଖୋର୍ଦ୍ଧା



# ପାଇକ ବିଦ୍ରୋହ: ଖୋର୍ଦ୍ଧା ଗଡର ଲାଲ ମାଟି

**କାହ୍ନୁ ଚରଣ ମିଶ୍ର**

ଏ ଲାଲ୍ ମାଟିର ଇତିହାସ କହେ
ଏଇ ସେହି ଖୋର୍ଦ୍ଧା ମାଟି
ବୀର ପୁଙ୍ଗବଙ୍କ ରକ୍ତରେ ରଞ୍ଜିତ
ସଂଗ୍ରାମର ରକ୍ତ ଏଠି ।
ସେହି ରକ୍ତ ଆଜି ମିଶିଛି ମାଟିରେ
ମୂକସାକ୍ଷୀ ତା'ର ଅଛି
ମୂକସାକ୍ଷୀ ଏଇ ବରୁଣେଇ ଗଡ଼
ଜଳ ଜଳ ଚାହିଁ ଅଛି ।
ଜନ୍ମ ନେଇଥିଲେ କେତେ ବୀରଯୋଦ୍ଧା
ପାଇକ ଘରର ସୁତ
ସଂଗ୍ରାମ କରିକି ଇଂରେଜ ମାନଙ୍କ
ଜ୍ଞାନ ହଜାଇଲେ ସେତ ।
ଜୟୀ ରାଜଗୁରୁ ବକ୍ସି ଜଗବନ୍ଧୁ
କୃତ୍ତିବାସ ପାଟଶାଣୀ
ସଙ୍ଗରେ ପିଣ୍ଡିକି ମାଧବ ମିଶିକି
ଭାଙ୍ଗିଲେ ଇଂରେଜ ଠାଣି ।
ଖୋରଧା ମାଟିର ପାଇକ ଘରର
ବୀର ନୁଆଁଏନି ଶିର
ଖଣ୍ଡା,ତଲୁଆର ଢାଲ,ଠେଙ୍ଗା ଧରି
ସମ୍ମୁଖେ କରେ ସମର ।

ପାଇକ ଯୋଦ୍ଧାର ଶୋଣିତେ ମଶିଛି
ଏ ଲାଲ ମାଟି ଖୋର୍ଦ୍ଧାର
ମାଟିକୁ ତାହାର ଚିପୁଡି ଦେଲେରେ
ଝରେ ରକ୍ତ ଝର ଝର ।
ସ୍ୱାଧୀନ ଭାରତ ପ୍ରଥମ ସଂଗ୍ରାମ
ପାଇକ ବିଦ୍ରୋହ ଥିଲା
ଇଂରେଜ ଦଖଲ କରିବାକୁ ଏହା
ସୁଯୋଗ ପାଉ ନଥିଲା ।
ଜୀବନ ପାଇଁକି ଭୟ ତ ନଥିଲା
ସଂଗ୍ରାମରେ ଥିଲେ ମାତି
ଥିଲା ତାଙ୍କ ପାଖେ କେବଳ ଗୋଟିଏ
ଦେଶ ଜାତି ପ୍ରତି ପ୍ରୀତି ।
ଧନ୍ୟ ଏ ଖୋରଧା ଲାଲ୍ ଗଡ଼ ମାଟି
ପାଇକମାନଙ୍କ ଯୁଦ୍ଧ
ଇତିହାସେ ଥିବ ଚିରକାଳ ପାଇଁ
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ।

**ଟାଙ୍ଗି, ଖୋର୍ଦ୍ଧା**



# ଐଶ୍ୱର୍ଯ୍ୟ ଆକାଶର

**ଆରତୀ ମଞ୍ଜରୀ ଦାଶ**

ହେ ଆକାଶ !
ନାନା ବର୍ଣ୍ଣେ ସାଜିଦେଇ
ତୁମ ଇନ୍ଦ୍ରଧନୁ
ତୋଳିଦିଅ ଗୁଣ ଯେବେ
ବୁଣି ରଙ୍ଗ ରେଣୁ
କେତେ ମତେ ଛୁଇଁ ଯାଅ
ପୋଛିଦେଇ ଅବସାଦ
ଉଦାସିଆ ମନୁ।

ତୁମରି ଅନନ୍ତ ନୀଳିମା
ହଜିଯା'ନ୍ତି ଯହିଁ
ସାରସ ଯୁଗଳ
ଭୁଲି ଜୀବନର
ବ୍ୟଥା ଓ ବେଦନା
ମଜ୍ଜିଗଲେ ପ୍ରାଣ
ସେ ନୀଳିମା ପୁରେ
ତୁମରି ପ୍ରକାଶ ଗୁଣେ
ଉଇଁ ଆସେ ମନେ
ଉଜ୍ଜ୍ୱଳ ଭାବନା ।

ପଶ୍ଚିମ ଉପାନ୍ତେ ତବ
ଢଳେ ଯେବେ ରବି
ଢାଳି ନାନା ବର୍ଣ୍ଣ ବିଭା
ଉପାସନା ବେଳ ଜାଣି
ସୁନାର ମନ୍ଦିରଟିଏ
ତୋଳି ହେଇଯାଏ ଅବା ।

ଅନ୍ତହୀନ ତବ
ତାରକା ଖଚିତ ନୈଶ ସୁଷମା
ସୁବର୍ଣ୍ଣ କୁସୁମେ କିବା
କେଉଁ ନାୟିକାର ରମ୍ୟ
ଗଢା ରଚନା, ବିଲୋକନେ
ଅପସରେ ଆପଣାର
ନିଃସ୍ୱ ଭାବନା ।

# ସମୟ ସ୍ରୋତରେ

ସ୍ୱପ୍ନାରାଣୀ ପାଣିଗ୍ରାହୀ



ପୂରୁବ ଆକାଶେ ଢାଳି ଅରୁଣିମା
ନୂତନ ଅରୁଣ ହେଲେଣି ଉଭା
କେତେ ଆଶା କେତେ ଭରସା ମନରେ
ଅପେକ୍ଷାରେ ପ୍ରକାଶିତ ପ୍ରତିଭା।।

ପାଦ ଥାପିଲାଣି ନୂତନ ବରଷ
ମହୀ ମଣ୍ଡଳେ ଆନନ୍ଦ ଉଲ୍ଲାସ
ସମୀରେ ମହକେ କୁସୁମ ସୁବାସ
ନବବର୍ଷେ ଦିଶେ କି ହସହସ।।

ସମୟ ସ୍ରୋତରେ ନୂଆବର୍ଷ ଯେତେ
ମିଶିଛନ୍ତି ପାଣିଫୋଟକା ସତେ
ଶତ ବ୍ୟଥା ଶତ ବେଦନାର ଅଶ୍ରୁ
ଜୀବନ ଆକାଶେ ହସବି ଲୋଟେ।।

ସମୟକୁ ଭାଗି କୁହନ୍ତି ସରବେ
ଆଜି ନୂଆ ପୁଣି କାଲି ପୁରୁଣା
ପ୍ରଭୁ ତୁମେ ନୂଆ ପୁରୁଣା ଊର୍ଦ୍ଧ୍ୱରେ
ସବୁଠି ଥାଇବି ତୁମେ ଅଜଣା।।

ଏ ମନର ପ୍ରତି କୋଣ ଅନୁକୋଣ
ଆଶା ପ୍ରତ୍ୟାଶାରେ ତମସାଚ୍ଛନ୍ନ
ପ୍ରିୟତମ ପ୍ରଭୁ ଅଜ୍ଞାନ ଅନ୍ଧାର
ଦୂରେଇ ଦିଅହେ ପାଦେ ଶରଣ।।

ହିଆଭରା ଅଭିମାନ ଜାଗିଅଛି
ହତାଶାର ହତମାନେ ସଂଶୟ
ଆଶ୍ୱାସନା ପ୍ରଭୁ ତୁମ କୃପାକଣା
ଅଭୟ ଆଶ୍ରୟ ସେ ବରାଭୟ।।

ପୁରାତନ ଅବା ହେଉ ବା ନୂତନ
ରହିଛ ଅଦୃଶ୍ୟ ସମୟ ପଥେ
ଅନାଦି ଅନନ୍ତ ତୁମ ପ୍ରେମସ୍ରୋତେ
ଭସାଇ ନିଅହେ ରହି ମୋ' ସାଥେ।।

ଅଙ୍କାବଙ୍କା ଏହି ଜୀବନର ପଥ
ହେଲେବି ତୁମଠି ହୋଇଛି ଅନ୍ତ
ସ୍ନେହମୟ କୋଳେ ଶେଷ ନିଃଶ୍ୱାସ ମୋ'
ସେ ଯାଏଁ ନକର ମୋତେ ହେ କ୍ଳାନ୍ତ।।

ଅଭିନନ୍ଦନ ଓ ଶୁଭ କାମନା ମୁଁ
ମନାସୁଛି ତୁମ ପ୍ରତି ସୃଷ୍ଟିର।
ପ୍ରତିଟି ସମୟ ହେଉ ଶୁଭମୟ
ଶୁଭ ଦୃଷ୍ଟି ଥାଉ ହେ ଶୁଭଙ୍କର !

ଖୋର୍ଦ୍ଧା

# ଗଡିଯା'ନ୍ତି ଥରେ



## ବସନ୍ତ କୁମାର ସାହୁ

ମୋ' ଦେଶ ମାଟିରେ    ଗଡିଂଯାନ୍ତି ଥରେ
ମାତୃଭୂମି ମାଟି ମାଆ
ଦେହରେ ବୋଳନ୍ତି    ମୁଣ୍ଡରେ ମୁଁ ମାରି
ଗାଉଥାନ୍ତି ତା'ର ନାଆଁ॥

ହିମାଳୟଠାରୁ    କନ୍ୟା କୁମାରୀ
ପୁରୁବ ପଶ୍ଚିମ ଭାଗ
ଜମ୍ବୁଦ୍ୱୀପ ନାମେ    ଭାରତ ଭୂଭାଗ
ମୈଥିଳି ଓ ଅଙ୍ଗ ବଙ୍ଗ॥
ତିନି ଭାଗେ ଜଳ    ହିମାଳୟ ବର
ମରୁଭୂମି ରାଜସ୍ଥାନ
ତ୍ରିବେଣୀ ସଙ୍ଗମ    ନଦ ନଦୀ ମାନ
ପୌରାଣିକ ଉପାଖ୍ୟାନ॥
ବାଲମିକ ହେଲେ    ଦଶ୍ୟୁରତ୍ନାକର
ରାମାୟଣ ମହାଗ୍ରନ୍ଥ
ବ୍ୟାସଦେବ କୃତ    ମହାଭାରତରେ
କୌରବ ପାଣ୍ଡବ ଯୁଦ୍ଧ॥

ଆର୍ଯ୍ୟାବର୍ତ୍ତେ ଜନ୍ମ    ଜୈନ ବୁଦ୍ଧ ଦେବ
ମୁସଲିମ୍ ଭାଇ ଭାଇ
ସମସ୍ତେ ସମାନ    ଏକତାର ମନ୍ତ୍ର
ବିଶ୍ୱ ଭାବନାରେ ରହି॥
ଇନ୍ଦିରା ନେହେରୁ    ଦେଶମାତୃକାର
ଯେତେ ସ୍ୱାଧୀନ ସଂଗ୍ରାମୀ
ସ୍ୱାଧୀନ ଆଣିଲେ    ବିନା ରକ୍ତ ପାତେ
ବାପୁ ଅହିଂସା ପୂଜାରୀ॥
ଗଡିଂଯା'ନ୍ତି ଥରେ    ତା' ମାଟି ଉପରେ
ଏମିତି ଦେଶଟେ କାହିଁ
ଶାନ୍ତି ମୈତ୍ରୀ ପ୍ରୀତି    ବିଶ୍ୱାସ ଆଧାର
ଏଇ ମୋ' ଜନମ ଭୂଇଁ॥

ଦେଉଳି, ଖୋର୍ଦ୍ଧା



# ଦୁଃଖର ପାଞ୍ଚଟି ସ୍କେଚ୍

ନିଶିକାନ୍ତ କହଲସିଂହ

-- :ଏକ :--

ଜୀବନ ନନ୍ଦନ-
କାନନରେ ସଖୀ
ଦୁଃଖ ପାରିଜାତ ଫୁଲ,
ମଣିଷ ତ ମରେ
ଦୁଃଖ ମରେନାହିଁ
ସିଏ ତ ଅମୂଲମୂଲ ।।

-- : ଦୁଇ : --

ଦୁଃଖ ଏମିତିକା
କଣ୍ଢେଇଟିଏ ଲୋ
ସବୁରି ଅଣ୍ଟିର ଧନ,
ପ୍ରେମ ଭାଙ୍ଗିଯାଏ
ସ୍ନେହ ଭାଙ୍ଗିଯାଏ
ଅଭଙ୍ଗା ସେ ଚିରଦିନ ।।

-- : ତିନି : --

ଜୀବନଟା ବାଲି
ବେଳାଭୂମି ହେଲେ
ଦୁଃଖ ତ ଲହରୀ ମାଳ,
ଏକ ପରେ ଆନ
ମାଡିଆସୁଥାଏ
କରିବାକୁ ତାକୁ କୋଳ ।।

-- : ଚାରି : --

ଖରଖର ହୋଇ
ଯାଉଥାଏ ବହି
ଦୁଃଖ ଚିରସ୍ରୋତା ନଈ,
ନିତି ଭାଙ୍ଗୁଥାଏ
ସପନର ଘର
ଦୁଇକୂଳ ଉଚ୍ଛୁଳାଇ ।।

-- : ପାଞ୍ଚ : --

ଦୁଖକୁ ଜାଣିଛି
କଷଟି ପଥର
କଷି କଷାଇବା ପାଇଁ,
ଉପରବାଲାର
ଅଦେଖା ନିୟମ
ଦୁଃଖ ବିନା ସୁଖ ନାହିଁ ।।

ଲୋକିପୁର , ଗଡ଼ମାଣତୀର , ଖୋର୍ଦ୍ଧା

# ସ୍ୱାଗତ ୨୦୨୩

ଡ. ସୌମ୍ୟେନ୍ଦ୍ର ମିଶ୍ର



ଦୁ --
ଦୁଲୁକାଇ ମଞ୍ଚ ଯାଉଛି ଖସି
ଅତୀତ କୋଳକୁ ଧାଏଁ ବାଇଶି
କେତେ ହସ କାନ୍ଦ ଭରି ଦେଇଛି
ସ୍ମୃତି ହେଇ ସବୁ ମନେ ରହିଛି ।
ଇ--
ଇତି ବୃତ୍ତି କଥା ଘଟଣାବଳୀ
ହୃଦୟ କୋଣରେ ହୁଅନ୍ତି ମେଳି
ଯୁଦ୍ଧ ବିଭୀଷିକା କଲା ଜଳକା
ଆଜି ବି ଯାଇନି ଭୟ ଆଶଙ୍କା ।
ହ--
ହଟ ଚହଟାଇ କରୋନା କୀଟ
ଘଡିକେ ମାଡୁଛି ଯୋଜନେ ବାଟ
ସାରା ବର୍ଷର ସେ ନରମି ଥିଲା
କାହିଁକି କେଜାଣି ଶେଷେ ମାତିଲା ।
ଜା--
ଜାଗରୂକ ହୁଅ ଆରେ ମାନବ
ସମୟ ସ୍ରୋତକୁ କିଏ ବାନ୍ଧିବ !!
ବଦଳେ ସଂସାର ଘଡ଼ି କି ଘଡ଼ି
ଆଜି ଯେ ମଇତ୍ର କାଲି ବଇରୀ ।

ର--
ରସନା ବାସନା ହୁଡ଼ାନ୍ତି ପଥ
ଇନ୍ଦ୍ରିୟ କବଳେ ଅସ୍ଥିର ଚିତ୍ତ
'ମୁଁ ' ଆଉ 'ମୋର' ଏ ଶବ୍ଦ ଦୁଇ
ଅଶାନ୍ତି ପାଇଁକି ମୂଳତଃ ଦାୟୀ ।
ତେ--
ତେଇଶ ମସିହା ଦୁଆରେ ଠିଆ
ତାକୁ କୋଳେଇବ ପୃଥିବୀ ମାଆ
ବାର ମାସ ଆୟୁ ହେବ ମାତର
କିଏ ଜାଣେ କିସ ତାର ବେଭାର ।
ଇ--
ଇନ୍ତୁଡି ଶାଳେ କା ଶୁଭିବ କୁଆଁ
କାହାକୁ ଜାଳିବ ମଶାଣି ନିଆଁ
ରାଜେନ୍ଦ୍ରାସନେ କେ ବସିବ ଯାଇ
କାଳକୂଟ କାରେ ଦେବ ଗଡ଼େଇ ।
ଶ--
ଶାନ୍ତି, ସୁଖ, ପ୍ରେମ, ସଦ୍ ଭାବନା
ନୂତନ ବର୍ଷରେ ଏହି କାମନା
ହେ ଈଶ୍ୱର ଘେନ ଆମ ପ୍ରଣାମ
ଏ ବିଶ୍ୱକୁ କର ସରଗ ସମ ।

# ବିଧିର ବିଧାନ

## ସାରଙ୍ଗଧର ଷଡ଼ଙ୍ଗୀ

ସ୍ମୃତିରେ ୨୦୨୨ .....ଅଭିନନ୍ଦନ ୨୦୨୩...
ଚାହୁଁଚାହୁଁ ୨୦୨୨ଟି ବର୍ଷ ବିତିଗଲା
କେତେ ବନ୍ଧୁ ଆମ ଗହଣରୁ
ବିଦାୟ ନେଲେଣି.......
କୁଆଁକୁଆଁରୁ ଜୀବନ ଆରମ୍ଭ
ନିର୍ଜିବ ଜଡ ଅବସ୍ଥାରେ ଜୀବନ ଶେଷ......
ଏହା ଅଟେ ବିଧିର ବିଧାନ.........।
ନଦୀଟି ଅବିରତ ଧାରାରେ ବହି ଚାଲିଛି
ସମୁଦ୍ରରେ ଅସ୍ତିତ୍ୱ ଲିଭିଯିବାରେ
ତାର ପୂର୍ଣ୍ଣତା ପ୍ରାପ୍ତି..........
ଫୁଲଟି ସୁଗନ୍ଧ ବିତରଣ କରି
ଭୂଲୁଣ୍ଠିତ ହେବା ପୂର୍ବରୁ
ତୁମ ଗଳାରେ ସ୍ଥାନ ପାଇଲେ
ଜୀବନ ସାର୍ଥକ ହୁଏ........
ପ୍ରଭାତ ସୂର୍ଯ୍ୟ କିରଣରେ
ପୃଥିବୀ ଆଲୋକିତ ହେଉଥିବ.....
ସଂଧ୍ୟାରେ ଚାଦର ଘୋଡ଼େଇ ହୋଇ
ପୃଥିବୀ ଶୋଇଯିବ..........
ଏହା ଚିରାଚରିତ ରୀତିରେ ଘଟି ଚାଲିଥିବ
ଆମେ ଆସିବା ଯିବା..........
ବିଗତ ବର୍ଷରେ ସମସ୍ତଙ୍କ ଶୁଭ ମନାସି ଥିଲି
ନିଜର ଅସୁସ୍ଥତା ବିଷୟ ଭାବି ନ ଥିଲି
ଯାହା ଘଟିବାର ଥିବ
ତାହା ନିଶ୍ଚୟ ଘଟିବ।
ସବୁ କିଛି ବିଧିର ବିଧାନ.......।।



ଡ. ପ୍ରମୋଦ ଚନ୍ଦ୍ର ଦାଶ
ମାର୍ଗଦର୍ଶକ



ନିଶିକାନ୍ତ କହଲସିଂହ
ସମ୍ପାଦକ



ସମରଜିତ୍ ପଟ୍ଟନାୟକ
ଉପଦେଷ୍ଟା



ବାବାଜୀ ଜେନା
ଉପଦେଷ୍ଟା



ବିଭୂପ୍ରସାଦ ହରିଚନ୍ଦନ
ଉପଦେଷ୍ଟା



ଡ. ରଶ୍ମୀରଞ୍ଜନ ନାଥ
ଉପଦେଷ୍ଟା



ତ୍ରିଲୋଚନ ଦାସ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ରଶ୍ମିତା ନାୟକ
ସହଯୋଗୀ ସମ୍ପାଦକ



ଶ୍ରୀମତୀ ବାସନ୍ତୀ ଦେଈ
ସହଯୋଗୀ ସମ୍ପାଦକ